
THE SUNDAY SECTION OF NITIDIN

ନିତିଦିନ NITIDIN

# ନଜର

ମନୋରଞ୍ଜନ

ଆହାନଙ୍କ 'ସୈୟାରା'



୧୬ ପୃଷ୍ଠା ରବିବାର ମ୍ୟାଗାଜିନ୍ ରବିବାର, ୫ ଏପ୍ରିଲ ୨୦୨୬



# ଯୁଦ୍ଧଖୋର !

# ଶ୍ରୀ ରାମକୃଷ୍ଣ ଚରିତାମୃତ ୪୦

ମନୋଜ କୁମାର ମହାପାତ୍ର

ଶ୍ରୀ ରାମକୃଷ୍ଣଙ୍କ ଦିବ୍ୟପ୍ରେମର ଚୁମ୍ବକୀୟ ସ୍ପର୍ଶ ସମସ୍ତଙ୍କ ଜୀବନର ମନ୍ଦ ଅଭ୍ୟାସକୁ ପରିବର୍ତ୍ତନ କରାଇ ପରମାନନ୍ଦର ଅଧିକାରୀ ବନେଇଦିଏ। ଏହା ଭିତରେ ବହୁତ ମହିଳା ଭକ୍ତ କୁଳୀନ ଓ ସମ୍ଭ୍ରାନ୍ତବଂଶୀୟ ଥିଲେ। ତଥାପି ଶ୍ରୀ ରାମକୃଷ୍ଣଙ୍କ ଉପଦେଶାମୃତ ପାନ କରିବାର ଲାଳସା ଯୋଗୁ ସେମାନେ ନିଜର ସମସ୍ତ ସାମାଜିକ ବନ୍ଧନକୁ ପଛରେ ପକାଇ କେବେ କେବେ ଖାଲି ପାଦରେ କଲିକତାରୁ ଦକ୍ଷିଣେଶ୍ୱର ପର୍ଯ୍ୟନ୍ତ ଚାଲିଆସନ୍ତି। ଶ୍ରୀ ରାମକୃଷ୍ଣ ନିଜର ସ୍ୱାଭାବିକ ଢ଼ଙ୍ଗରେ ସ୍ନେହ ଏବଂ ତତ୍ପରତାର ସହିତ ଏହି ନିଷ୍ଠାବାନ ଆତ୍ମାମାନଙ୍କର ଆକାଂକ୍ଷା ପୂରା କରୁଥିଲେ। ଏବଂ ଏହି ପ୍ରକାରେ ସେ ମହିଳା ଭକ୍ତମଣ୍ଡଳୀଙ୍କୁ ନେଇ ଗୋଟିଏ ପ୍ରତିଭାଶାଳୀ ମଣ୍ଡଳୀ ନିର୍ମାଣ କରିଥିଲେ। ଏହି ଲୋକମାନଙ୍କ ଜୀବନ କାଳାନ୍ତରରେ ଅଗଣିତ ସାଧକଙ୍କ ଆଧ୍ୟାତ୍ମିକତାର ପ୍ରେରଣାର ଅକ୍ଷୟ ସ୍ରୋତ ତିଆରି କରିଥିଲେ।

କିନ୍ତୁ କୌଣସି ଜୀବନ ଏତେ ଅଲୌକିକ, ପ୍ରଭାବୀ, ସାଦରତାପୂର୍ଣ୍ଣ ଏବଂ ପବିତ୍ର ନଥାଏ ଯାହାକି ତାଙ୍କ ନିଜର ସହଧର୍ମିଣୀ ସାରଦା ଦେବୀଙ୍କ ଜୀବନରେ ଘଟିଥିଲା। ସାରଦା ଦେବୀ ତାଙ୍କର ଘନିଷ୍ଠ ସାହଚର୍ଯ୍ୟର ଅନୁପମ ସୁଯୋଗ ପ୍ରାପ୍ତ କରିଥିଲେ। ଏବଂ ବର୍ଷ ବର୍ଷ ପର୍ଯ୍ୟନ୍ତ ତାଙ୍କ ଠାରୁ ଆବଶ୍ୟକ ଆଧ୍ୟାତ୍ମିକ ଶିକ୍ଷା ପ୍ରାପ୍ତ କରି ରହିଥିଲେ। ଶ୍ରୀ ରାମକୃଷ୍ଣଙ୍କ ସ୍ନେହପୂର୍ଣ୍ଣ ମାର୍ଗଦର୍ଶନରେ ତାଙ୍କର କଠୋର ସାଧନା ଦ୍ୱାରା ସର୍ବୋଚ୍ଚ ଆଧ୍ୟାତ୍ମିକ ତତ୍ତ୍ୱର ଶିଖର ଦେଶରେ ଉପନୀତ ହେଇଥିଲେ। ଏହି ପ୍ରକାର ଜାଜ୍ୱଲ୍ୟମାନ ନିଦର୍ଶନ ଦ୍ୱାରା ଦାମ୍ପତ୍ୟ ଜୀବନରେ କିଭଳି ଭାବରେ ଆଧ୍ୟାତ୍ମିକ ଭାବ ଗଢ଼ିହେବ ତାହା ସେ ବୁଝାଇଥିଲେ। ସାରଦା ଦେବୀ ବାସ୍ତବରେ ଜଣେ ଆଦର୍ଶ ପତ୍ନୀ ଏବଂ ଅପ୍ରତିମ ସନ୍ନ୍ୟାସିନୀ ଥିଲେ। ତାଙ୍କ ଜୀବନ ପ୍ରାର୍ଥନାର ସୁଦୀର୍ଘ ଶାନ୍ତି ଥିଲା। ନିଜେ ଅନ୍ତତଃ ଧୈର୍ଯ୍ୟ ତଥା ମାତୃପ୍ରେମରେ ବାନ୍ଧି ଶ୍ରୀମା ନିଜର ସମସ୍ତ ସନ୍ତପ୍ତ ଲୋକଙ୍କ ପାଇଁ ଅକ୍ଷୁଣ୍ଣ ଶାନ୍ତିର ଉତ୍ସ ଥିଲେ। ଯେଉଁମାନେ ଆଶ୍ରୟ ଗ୍ରହଣ କରିଥିଲେ ସେମାନଙ୍କର ଜୀବନ ଜ୍ଞାନ, ଭକ୍ତି, ଯୋଗ ଏବଂ କର୍ମର ଅଦ୍ଭୁତ ସମନ୍ୱୟ ଥିଲା। ଏଣୁ ଏଥିରେ କୌଣସି ଆଶ୍ଚର୍ଯ୍ୟ ହେବାର ନାହିଁ ଯେ ଶ୍ରୀ ରାମକୃଷ୍ଣଙ୍କ ନିଜର ଆଧ୍ୟାତ୍ମିକ ସାଧନାର ପରିସମାପ୍ତି ପରେ ଜଗନ୍ମାତାଙ୍କୁ ଜୀବନ୍ତ ରୂପରେ ତାଙ୍କ ମଧ୍ୟରେ ପୂଜା କରିଥିଲେ।

ଯଦିଓ ଶ୍ରୀ ରାମକୃଷ୍ଣଙ୍କର ଶେଷ ବର୍ଷଗୁଡ଼ିକ କାରୁଣ୍ୟ ରସରେ ଭରି ରହିଥିଲା କିନ୍ତୁ ସେହି ବର୍ଷରେ ଅସ୍ତାଚଳଗାମୀ ଅଂଶୁମାଳିର ଶୋଭାମଣ୍ଡିତ ମୂଳ କ୍ରାନ୍ତିର ଗାମ୍ଭୀର୍ଯ୍ୟ ଏବଂ ଆକର୍ଷଣ ଥିଲା। ଦକ୍ଷିଣେଶ୍ୱର କେବେ ଶାନ୍ତ ଏବଂ ନିର୍ଜନ ଥିଲା। କିନ୍ତୁ ଏବେ ରାତି ରାତି ଧରି ନିଷ୍ଠାବାନ ଜିଜ୍ଞାସୁମାନଙ୍କର ଏହା ବାସସ୍ଥଳୀ ବନିଯାଇଥିଲା। ଶ୍ରୀ ରାମକୃଷ୍ଣଙ୍କର ଆଧ୍ୟାତ୍ମିକ ମାର୍ଗଦର୍ଶନ ପାଇବା ପାଇଁ ତାଙ୍କର ଛୋଟ କୋଠରିରେ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଭକ୍ତମାନେ ଭରି ରହୁଥିଲେ। ଶ୍ରୀ ରାମକୃଷ୍ଣ ମଧ୍ୟ ନିଜର ସୁଖ ସୁବିଧାର ତିଳେମାତ୍ର ଖିଆଲ ରଖୁନଥିଲେ। ନିଜର ସ୍ୱାଭାବିକ ତତ୍ପରତା ଏବଂ ଉତ୍ସାହ ଦ୍ୱାରା ଏହି ଉତ୍ସୁକ ଜିଜ୍ଞାସୁଙ୍କ ଆଧ୍ୟାତ୍ମିକ ଆବଶ୍ୟକତାଗୁଡ଼ିକର ପୂର୍ତ୍ତି କରୁଥିଲେ। କେବେକେବେ ତାଙ୍କ ଘର ଭକ୍ତିରେ ପରିପୂର୍ଣ୍ଣ ହେଉଥିଲା ଏବଂ ସେ ଭୋଜନ କରିବା ତଥା ନିଜର ଶାନ୍ତ କ୍ଳାନ୍ତ ଦେହରେ ଆରାମ ପାଇବା ବଡ଼ ମୁସ୍କିଲ ହେଉଥିଲା। ତାଙ୍କର ଜ୍ଞାନ ଏବଂ ଅଜ୍ଞାନ ସମସ୍ତ ସନ୍ତପ୍ତ ହୃଦୟର ତାର ସହିତ ବାନ୍ଧି ହୋଇଯାଇଥିଲା। କିନ୍ତୁ ପ୍ରେମ ଓ କରୁଣାରେ ବିଚଳିତ ହୋଇ ନିଜର ସର୍ବସ୍ୱ ସେମାନଙ୍କୁ ଦେଇ ଦେଇଥିଲେ। ଏହି ନିଷ୍ଠାବାନ ସାଧକମାନଙ୍କୁ ନିଜର ଭଜନ ଏବଂ ଆଧ୍ୟାତ୍ମିକ ଉଦ୍‌ବୋଧକ ଉପଦେଶ ଦ୍ୱାରା ତଥା ନିଜର ଆଧ୍ୟାତ୍ମିକ ଚେଷ୍ଟା ଓ ଅନୁଭୂତିର ବର୍ଣ୍ଣନା କରି ସେମାନଙ୍କୁ ଅନୁପ୍ରାଣିତ କରୁଥିଲେ। କେବେକେବେ ତାଙ୍କ କୋଠରି ଏକତ୍ରିତ ଭକ୍ତମାନଙ୍କର ଭାବପୂର୍ଣ୍ଣ ସୁମଧୁର ସଂଗୀତ ଲହରୀରେ ଗୁଞ୍ଜରି ଉଠୁଥିଲା। ସାରା ବାତାବରଣରେ ଆଧ୍ୟାତ୍ମିକତାର ବନ୍ୟା ଆସିଯାଉଥିଲା। ଯେଉଁମାନେ ଶ୍ରୀ ରାମକୃଷ୍ଣଙ୍କର ଘନିଷ୍ଠ ସମ୍ପର୍କରେ ଆସିଥିଲେ ସେମାନେ ଈଶ୍ୱର ଦର୍ଶନ ପାଇଁ ପାଗଳପ୍ରାୟ ଅନୁଭବ କରୁଥିଲେ। କୁହାଯାଉଥିଲା ଯେ ଯେବେ ଫୁଲ ଫୁଟି ଖେଳେ ଓ ଚହଟେ, ସେବେ ଭ୍ରମର ଆପେ ଆପେ ମଧୁପାନ ପାଇଁ ଆସିଥାନ୍ତି। ଶ୍ରୀ ରାମକୃଷ୍ଣଙ୍କ ସହିତ ମଧ୍ୟ ଠିକ୍ ସେହିପରି ହୋଇଥିଲା। ତାଙ୍କର ଆଧ୍ୟାତ୍ମିକତାର ଅମୃତ ପ୍ରତି ଆକୃଷ୍ଟ ହୋଇ ସବୁ ଜାତି ଏବଂ ବର୍ଗର ଲୋକମାନେ ତାଙ୍କ ପାଖେ ଏକତ୍ରିତ ହେବାକୁ ଲାଗିଲେ। (କ୍ରମଶଃ)

ଫୋନ୍-୯୯୩୭୨୯୭୦୩୯





# ସୋସିଆଲ ମିଡ଼ିଆ ଓ ଆଜିର ନାରୀ

ରାଜରଶ୍ମୀ ଦାସ

ବର୍ତ୍ତମାନର ସମୟକୁ ଦେଖିଲେ ସବୁଠି ସୋସିଆଲ ମିଡ଼ିଆ ବା ସାମାଜିକ ଗଣମାଧ୍ୟମ ଏକ ପ୍ରକାର ଛାଇ ହୋଇଯାଇଛି। ସେ ଆମ ଜୀବନର ଏକ ବନ୍ଧୁ ହେବା ସହ ଅନେକଙ୍କ ସହିତ ସମ୍ପର୍କ ଯୋଡ଼ି ପାରୁଛି ଏବଂ ବିଚାର ଧାରା ମଧ୍ୟ ପ୍ରସାରିତ ହୋଇପାରୁଛି। ଭାରତୀୟ ଆବହମାନ ସଂସ୍କୃତି, ପରମ୍ପରା ଓ ନାରୀ ନୀତିକୁ ଦେଖିଲେ ଏହାକୁ ଗୁରୁତ୍ୱପୂର୍ଣ୍ଣ ଯେ ମହିଳା ଜଣଙ୍କ ନିଜ ସମ୍ମାନ, ମର୍ଯ୍ୟାଦା, ଦାୟିତ୍ୱ, ସମାନତା, ଅଧିକାର ଓ ସର୍ବୋପରି ଆତ୍ମ ପରିଚୟକୁ ନେଇ ଗୌରବ ବିମଣ୍ଡିତ ହୋଇଥାଏ। ଆଜିର ମହିଳା ମାନଙ୍କ ଜୀବନରେ ସାମାଜିକ ଗଣମାଧ୍ୟମ ଅନେକ ପ୍ରଭାବ ପକାଇଛି। ଏହା ମହିଳାଟିର ଜୀବନରେ ଅନେକ ଆଶା, ସମ୍ଭାବନା ଓ ଆହ୍ୱାନକୁ ବାସ୍ତବ ରୂପ ଦେବା ସହ ବିଶ୍ୱ ସ୍ତରରେ ମହିଳା ସଶକ୍ତି କରଣର ଏକ କ୍ରାନ୍ତୀକାରୀ ମଶାଲ ପାଲଟିଛି।

ସାମାଜିକ ଗଣମାଧ୍ୟମ ଦ୍ୱାରା ଆଜି ଶିକ୍ଷା, ଜ୍ଞାନକୌଶଳ ଓ ଦକ୍ଷତା ଲାଭ ନାରୀ ମାନଙ୍କ ହାତ ପାହାନ୍ତାରେ। ୟୁଟ୍ୟୁବ, ଇନଷ୍ଟାଗ୍ରାମ, ମୁକ୍ତ ଅନଲାଇନ ପାଠ୍ୟକ୍ରମ, ଫେସବୁକ ଲାଇଭ କ୍ଲାସ, ଟେଲିଗ୍ରାମ ଗ୍ରୁପ, ଅନଲାଇନ କ୍ଲାସ, ୱେବିନାର, ମୋଟିଭେସନାଲ ଭିଡ଼ିଓ ଆଦି ନାରୀ ମାନଙ୍କୁ ଘରେ ବସି କୋଚିଂ, ଡିଜିଟାଲ ସାକ୍ଷରତା, ସିଲେଇ, ରୋଷେଇ, କଳା ଏବଂ ହସ୍ତଶିଳ୍ପ ଓ ଅନଲାଇନ ଶିକ୍ଷାଦାନ, ବ୍ୟୁଟିକ୍ ପାଠ୍ୟକ୍ରମ, ଦକ୍ଷତା ବିକାଶ ପାଠ୍ୟକ୍ରମ, ଇଂରାଜୀରେ କଥାବାର୍ତ୍ତା ପର୍ଯ୍ୟନ୍ତ ନୂତନ ଦକ୍ଷତା ଶିକ୍ଷା କରିବାର ଅବସର ଦେଇଛି। କେବଳ ସେତିକି ନୁହେଁ ମହିଳା ମାନଙ୍କ ପାଇଁ ସାମାଜିକ ଗଣମାଧ୍ୟମ ଅନେକ ସୁଯୋଗ ଓ ସମ୍ଭାବନା ଘରୁ ହିଁ ସାମର୍ଥ୍ୟ ସୃଷ୍ଟି କରିବାର କ୍ଷେତ୍ର ତିଆରି କରିଛି। ବର୍ତ୍ତମାନର ସମୟର ମହିଳାମାନେ ଫେସବୁକ, ଇନଷ୍ଟାଗ୍ରାମ, ୟୁଟ୍ୟୁବର ସହାୟତାରେ ଡିଜିଟାଲ କୋଚିଂ ବ୍ୟବସାୟ କରିବା ସହ ହର୍ବାଲ ଉତ୍ପାଦ ସାମଗ୍ରୀ, ଘରୋଇ ପ୍ରସ୍ତୁତି ଖାଦ୍ୟ, ମେକଅପ ଓ ସୌନ୍ଦର୍ଯ୍ୟ ସାମଗ୍ରୀ ଠାରୁ ସ୍ୱୟଂ ସହାୟକ ସଂଗଠନର ମହିଳାମାନେ ଛୋଟମୋଟର ହସ୍ତ ଉତ୍ପାଦିତ ସାମଗ୍ରୀ ଠାରୁ ଜୈବିକ ଚାଷ, ହ୍ୟାଣ୍ଡଲୁମ ଠାରୁ ବିଭିନ୍ନ ପ୍ରକାର କର୍ମ ସଂସ୍ଥାନର କ୍ଷେତ୍ରରେ ଯୋଗଦାନ କରି ନିଜ ପରିବାରର ଅର୍ଥନୀତିରେ ନିଜକୁ ସାମିଲ କରିପାରୁଛନ୍ତି।

ସାମାଜିକ ଗଣମାଧ୍ୟମର ବିଭିନ୍ନ ଦିଗ ମଧ୍ୟ ରହିଛି। ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ପରି କେତେକ କ୍ଷେତ୍ରରେ ଦେଖାଯାଉଛି ଯେ ସାମାଜିକ ଗଣମାଧ୍ୟମରେ ଘଣ୍ଟା ଘଣ୍ଟା ଧରି ମହିଳାମାନେ ଏହି ମାୟାଜାଲରେ ଛନ୍ଦି ହୋଇ ନିଜ ଘର ପରିବାର ଓ ପିଲାମାନଙ୍କୁ ପର୍ଯ୍ୟାପ୍ତ ସମୟ ଦେଇ ପାରିନଥିବାରୁ ଏହା ଏକ ପ୍ରକାର ପାରିବାରିକ ଓ ମାନସିକ ଦ୍ୱନ୍ଦ୍ୱ ଓ ବିଶୃଙ୍ଖଳା ମଧ୍ୟ ସୃଷ୍ଟି କରୁଛି। ଗୋଟିଏ ପଟରେ ପରମ୍ପରା, ପରିବାର, ମୂଲ୍ୟ ଅନ୍ୟପଟରେ ପରିଚୟ, ଡିଜିଟାଲ ଅଭିବ୍ୟକ୍ତି, ଖୋଲା ବିଚାର ଧାରା, ମୁକ୍ତ ସ୍ୱାଧୀନତା। ଏ ସବୁ ଭିତରେ କିନ୍ତୁ ଏହା ନିଃସନ୍ଦେହ ଯେ ମହିଳାମାନେ ସାମାଜିକ ଗଣମାଧ୍ୟମର ସହଯୋଗରେ ଅର୍ଥନୀତିକ ସ୍ୱାଧୀନତା, ସୃଜନଶୀଳତା ଓ ପରିଚୟ, ଗୌରବ ପାଇବା ସହ ସାମାଜିକ ଗଣମାଧ୍ୟମ ଯେ ଏକ ମହିଳା ସଶକ୍ତିକରଣର ପ୍ରମୁଖ ମଞ୍ଚ ଏହା ପ୍ରତୀୟମାନ ହୋଇପାରିବ। ସାମାଜିକ ଗଣମାଧ୍ୟମକୁ ଯଥାର୍ଥ ଭାବରେ ଉପଯୋଗ କଲେ ମହିଳା ସଶକ୍ତୀକରଣ ଓ ସାମାଜିକ ଉନ୍ନତି ଅଭିବୃଦ୍ଧିରେ ମହିଳାମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭାଗିଦାରୀତାକୁ ଆହୁରି ବଢ଼ାଇପାରିବ ନିଶ୍ଚୟ। ଏହା ମହିଳା ମାନଙ୍କୁ ସାମୂହିକ ଦାୟିତ୍ୱ ନିର୍ବାହ ସହ ଆର୍ଥିକ ସ୍ୱାଧୀନତା, ସ୍ୱରର ସ୍ୱାଧୀନତା ଓ ଆତ୍ମା ସ୍ୱାଭିମାନର ଉଚ୍ଚତାକୁ ଯଥାର୍ଥ ଭାବେ ଆଗେଇ ନେବାରେ ସମର୍ଥ ହୋଇପାରିବ।

'ସତ୍ୟାଳୟ' ପ୍ଲଟ ନଂ-୧୦୮୭/ଡ଼, ସେକ୍ଟର-୬, ସିଡ଼ିଏ, କଟକ



# ଯୁଦ୍ଧଖୋର !

ପ୍ରଫେସର ଅଜୟ କୁମାର ପାତ୍ର

୨୦୨୬, ଫେବୃଆରୀ ୨୮ ତାରିଖ ସକାଳର ସୂର୍ଯ୍ୟ ପଶ୍ଚିମ ଏସିଆ ପାଇଁ ଆଣିଥିଲା ବାରୁଦର ଗନ୍ଧ। ଇସ୍ରାଏଲ ଡିଫେନ୍ସ ଫୋର୍ସେସ ଏବଂ ଆମେରିକାର ଏକ ମିଳିତ ସାମରିକ ଅଭିଯାନ ଇରାନ୍‌ର ରଣନୈତିକ ବିନ୍ଦୁ ଥିବା ସ୍ଥାନଗୁଡ଼ିକ ଉପରେ ଅମାନୁଷିକ ଆକ୍ରମଣ କରିଛି। ତେହରାନ ନୀଳ ଆକାଶରେ ସୃଷ୍ଟି ହୋଇଥିବା ଧୂଆଁ ବଳୟ ଏବଂ ବିସ୍ଫୋରଣର କ୍ରୁର ଶବ୍ଦ ମନରେ ଧାରଣା ସୃଷ୍ଟିକଲା ଯେ ଗତ ଏକ ବର୍ଷ ଧରି କୁହୁଳି ଚାଲିଥିବା ଅଶାନ୍ତି ଓ ବିଷାଦ ଏବେ ପୂର୍ଣ୍ଣ ଯୁଦ୍ଧର ବିଭୀଷିକାମୟ ଜ୍ୱାଳାରେ ପରିଣତ ହୋଇଛି। ଇରାନ ଏକ କ୍ଷୁଦ୍ର ରାଷ୍ଟ୍ର ହେଲେ ମଧ୍ୟ ସାହସର ସହିତ ପଛଘୁଞ୍ଚା ନ ଦେଇ ତା'ର ନିଜସ୍ୱ ଶକ୍ତିରେ ପ୍ରତି ଜବାବ ଦେଇଛି। ବିଶ୍ୱସ୍ତ ତଥ୍ୟାନୁସାରେ ଉକ୍ତ ବର୍ବରଚିତ ଆକ୍ରମଣ ଇହୁଦୀମାନଙ୍କ ବିଶିଷ୍ଟ ପର୍ବ 'ପୁରିମ୍' ପୂର୍ବରୁ କରାଯାଇଛି ଯାହା ଇରାନ୍ (ପାରସ୍ୟ) ଉପରେ ଇହୁଦୀମାନଙ୍କ ବିଜୟ ସୂଚକ ପର୍ବ ଭାବେ ପାଳିତ ହୋଇଥାଏ। ଏହି ଭୟାନକ ସଂଘର୍ଷର ମୂଳରେ ରହିଛି ଇରାନ୍‌ର ପରମାଣୁ କାର୍ଯ୍ୟକ୍ରମ। ଇତିହାସ ବଖାଣେ ଯେ ଏହାକୁ ନେଇ ଆମେରିକା ଓ ଇରାନ୍ ଏକାଧିକ ବାର ସାମ୍ନା ସାମ୍ନି ହୋଇଛନ୍ତି। ତେବେ ବିଗତ ଦୁଇ ବର୍ଷ ମଧ୍ୟରେ ଘଟିଥିବା ଦୁଇଟି ପ୍ରମୁଖ ଘଟଣା ଏହି ଯୁଦ୍ଧର ଜ୍ୱାଳାକୁ ତେଜିବାରେ ଉତ୍ପ୍ରେରକ ଭାବେ କାର୍ଯ୍ୟ କରିଛି। ପ୍ରଥମଟି ୨୦୨୫ ମସିହାର ୧୨ ଦିନିଆ ଯୁଦ୍ଧ। ଗତବର୍ଷ ଜୁନ୍ ମାସରେ ଇସ୍ରାଏଲ 'ଅପରେସନ୍ ରାଇଜିଂ ଲାୟନ୍'ରେ ଇରାନର ମୁଖ୍ୟତଃ ପରାମାଣୁ କେନ୍ଦ୍ରଗୁଡ଼ିକ ଉପରେ ସର୍ଜିକାଲ ଷ୍ଟ୍ରାଇକ୍ କରିଥିଲା। ଏହି ଦୁଃଖଦାୟକ ଯୁଦ୍ଧରେ ଇରାନର ଶୀର୍ଷ ସାମରିକ କମାଣ୍ଡର ଏବଂ ପରମାଣୁ ବୈଜ୍ଞାନିକଙ୍କ ଅକାଳ ମୃତ୍ୟୁ ହୋଇଥିଲା। ଯଦିଓ ସେତେବେଳେ ଯୁଦ୍ଧ ବିରାମ ଘୋଷଣା ହୋଇଥିଲା, କିନ୍ତୁ ଏହା ବାସ୍ତବରେ ଥିଲା ଶାନ୍ତିକୁ ଆଖିଠାର। ଦ୍ୱିତୀୟ ଘଟଣା ଥିଲା 'ଇରାନୀ ନାଗରିକ ବିପ୍ଳବ' (୨୦୨୫, ଡିସେମ୍ବର ୨୮ ତାରିଖ)। ଇରାନ୍‌ର ଭୁଶୁଡ଼ି ପଡୁଥିବା ଅର୍ଥ ବ୍ୟବସ୍ଥା ଏବଂ ଇରାନୀ ମୁଦ୍ରା, ରିୟାଲ୍‌ର ମାତ୍ରାଧିକ ମୂଲ୍ୟ ଯୋଗୁ ଦେଶବ୍ୟାପି ବିରୋଧ ପ୍ରଦର୍ଶନ ଆରମ୍ଭ ହୋଇଥିଲା ଯେଉଁଥିରେ ହଜାର ହଜାର ବିଦ୍ରୋହୀ ନିହତ ହୋଇଥିଲେ। ଏହି ଆଭ୍ୟନ୍ତରୀଣ ଅସ୍ଥିରତାର ସୁଯୋଗକୁ (ଆମେରିକା କୃତ) ଉଭୟ ଆମେରିକା ଓ ଇସ୍ରାଏଲ୍ ଚାତକ

> **ମୃଗ ଶାବକମାନେ ଯେତେ ଚିତ୍କାର କରି ବନଭୂମି ପ୍ରକମ୍ପିତ କଲେ ମଧ୍ୟ ମହାବଳ ବାଘ କବଳରୁ ନିସ୍ତାର ନାହିଁ। ଆଜି ମଧ୍ୟପ୍ରାଚ୍ୟ ସମେତ ବିଶ୍ୱର ଅଧିକାଂଶ ଅଞ୍ଚଳରେ ଜୋର ଯାର ମୁଲକ ତା'ର ସଦା ପରିଦୃଷ୍ଟ। ଦୁର୍ବଳ ଉପରେ ସବଳର ଅତ୍ୟାଚାର ନୀତିକୁ ଆଜି ଧନୀ ରାଷ୍ଟ୍ରର ନେତାମାନେ ଗ୍ରହଣ କରିବା ଅତ୍ୟନ୍ତ ଦୁଃଖଦାୟକ। 'ସତ୍ୟମେବ ଜୟତେ' ଇତିହାସ ହୋଇଗଲାଣି। କାହିଁଗଲା ଗାନ୍ଧାରୀ ବିଳାପ, 'ସତ୍ୟର ହେଉ ଜୟ, ଅଧର୍ମର ହେଉ କ୍ଷୟ।'**

ପକ୍ଷୀ ସମ ଚାହିଁ ବସିଥିଲେ ଓ ତା'ର ସଦୁପଯୋଗ ଅତର୍କିତ ଯୁଦ୍ଧ ମାଧ୍ୟମରେ ସାଧନ କରିଥିଲେ ଯେଉଁଥିରେ ଖାମେ ନେଇ ଶାସନର ଅନ୍ତ ଘଟିଥିଲା। ଖାମେ ନେଇଙ୍କ ମୃତ୍ୟୁ ଏକ ଭୂ-ରାଜନୈତିକ ବିସ୍ଫୋରଣ ଘଟାଇଥିବା କୁହାଯାଇପାରେ। ଦୀର୍ଘ ୪ ଦଶନ୍ଧି ଧରି ସେ ଇସଲାମିକ ରିପବ୍ଲିକ୍ ଇରାନ୍‌ର ମୁଖ୍ୟ ରହିଥିବା ବେଳେ ତାଙ୍କୁ 'ଟାର୍ଗେଟ ହତ୍ୟା' ଏକ ସୁକଳ୍ପିତ ଷଡ଼ଯନ୍ତ୍ର ଥିଲା। ଫଳରେ ମଧ୍ୟ ପ୍ରାଚ୍ୟର ପାରମ୍ପରିକ ସୁରକ୍ଷା କବଚ ଧ୍ୱସ୍ତ ବିଧ୍ୱସ୍ତ ହେଲା। ତାଙ୍କର ଅକାଳ ମୃତ୍ୟୁକୁ ନେଇ ଆମେରିକା ବାହାବା ନେଇ କହିଛି, 'ଆମେ ସାପର ମୁଣ୍ଡ କାଟିଛୁ।'

ଟିକିଏ ସୂକ୍ଷ୍ମ ବୁଦ୍ଧିମତ୍ତା ଦେଇ ଦେଖନ୍ତୁ, ବିଶ୍ୱରେ ଯେଉଁଠି ବି ଯୁଦ୍ଧ ପରିସ୍ଥିତି ସୃଷ୍ଟି ହୋଇଛି, ଆମେରିକା ନିଶ୍ଚୟ ସେଥିରେ ମୁଣ୍ଡ ପୂରାଇବ। ଏବେ ଇରାନ ସହ ଯୁଦ୍ଧ ପରିପ୍ରେକ୍ଷୀରେ ମିଃ ଡୋନାଲ ଟ୍ରମ୍ପ ନିଜକୁ ସଫଳ ଦର୍ଶାଇ ମୋଟ ୧୦ରୁ ୧୫ ନମ୍ବର ଦେଇଛନ୍ତି। କେବଳ ଏହି ଯୁଦ୍ଧ ସ୍ଥିତି ନୁହେଁ, ଆମେରିକା ପୂର୍ବରୁ ମଧ୍ୟ ଏକାଧିକ ରାଷ୍ଟ୍ରମୁଖ୍ୟଙ୍କୁ ପଦଚ୍ୟୁତ କରିବା ସହିତ ସେସବୁ ଦେଶର ଆର୍ଥିକ ଓ ସାମାଜିକ ମେରୁଦଣ୍ଡକୁ ଦୁର୍ବଳ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଏସବୁ ପଛର ମୁଖ୍ୟ କାରଣ ଭାବେ ସାମନାକୁ ଆସିଛି 'ପେଟ୍ରୋଡଲାର।' ଆମେରିକୀୟ ଡଲାର ଏବଂ ସ୍ୱାର୍ଥକୁ ବିରୋଧ କରିଥିବା ବିଭିନ୍ନ ଦେଶର ନେତୃତ୍ୱଙ୍କୁ ଶାସ୍ତି ଦେଇଛି ଆମେରିକା। ସେଇଥିପାଇଁ ଆମେରିକାକୁ 'ଏକ ଶକ୍ତିଶାଳୀ ଖଳନାୟକ' ବୋଲି କୁହାଯାଇପାରେ।

କିଛି ମାସ ତଳେ ଆମେରିକା ଭେନେଜୁଏଲା ରାଷ୍ଟ୍ରପତି ଓ ତାଙ୍କ ପତ୍ନୀଙ୍କୁ ନିଶା କାରବାରର ମିଥ୍ୟା ଆଳ ଦେଖାଇ ଗିରଫ କରିଛି। ଅସଲ କାରଣ ଅନ୍ୟ କିଛି। ଏହି ଦେଶର ମୃତ୍ତିକାରେ ୫ଗୁଣ ଅଧିକ ତେଲଥିବା ବେଳେ ସେ ଡଲାରକୁ ଆହ୍ୱାନ ଦେଇଥିବା ତିନି ଦେଶ, ଚୀନ-ଋଷ୍-ଇରାନ୍ ସହ ଯୋଡ଼ି ହେଉଥିଲେ। ୨୦୦୯ ମସିହାରେ ଲିବିୟାର ଶାସକ ମୁଅମ୍ମର ଗଦ୍ଦାଫି 'ଗୋଲଡ୍ ଦିନାର' ନାମରେ ଆଫ୍ରିକୀୟ ମୁଦ୍ରା ପ୍ରସ୍ତୁତ କରିବାର ପ୍ରସ୍ତାବ ଦେଲେ ଯାହା ସୁନା ଆଧାରିତ ହୋଇଥାନ୍ତା ଏବଂ ତେଲ ବ୍ୟବସାୟରେ ବ୍ୟବହାର କରାଯାଇଥାନ୍ତା। ୨୦୧୧ରେ ଲିବିୟା ଉପରେ ଆମେରିକା ପ୍ରଣୋଦିତ ନାଟୋ ସେନା ବୋମା ବର୍ଷା କରିବା ସହ ଗଦ୍ଦାଫିଙ୍କୁ ହତ୍ୟା କରିଥିଲା। ୨୦୦୦ ମସିହାରେ ଇରାକ୍ ରାଷ୍ଟ୍ରପତି ସଦ୍ଦାମ ହୁସେନ୍ ତାଙ୍କର ତେଲକୁ ଡଲାର ବଦଳରେ ୟୁରୋରେ ବିକ୍ରି କରିବା ଯୋଗୁଁ ୨୦୦୩ ମସିହାରେ ସତୁରିବର୍ଷ ବୟସରେ ଫାଶୀ ଦିଆଗଲା। ଦକ୍ଷିଣ ଭିଏତ୍‌ନାମର ରାଷ୍ଟ୍ରପତି ଏନ୍‌ଗୋ ଡିନ୍ ଡିଏମ୍ ଓ ତାଙ୍କ ଭାଇଙ୍କୁ ତଥାକଥିତ ଅସନ୍ତୋଷ ଦେଖାଇ ଆମେରିକା ସମର୍ଥନରେ ସେଠାକାର ସାମରିକ ଅଧିକାରୀ ପଦଚ୍ୟୁତ



କରି ୧୯୬୩ ନଭେମ୍ବର ୨ ତାରିଖରେ ଦୁଇ ଭାଇଙ୍କୁ ହତ୍ୟା କରିଥିଲେ। ତେଲର ଜାତୀୟକରଣ କରିଥିବା କାରଣରୁ ଇରାନ୍ ପ୍ରଧାନମନ୍ତ୍ରୀ ମହମ୍ମଦ ମୋସାଦ୍ଦିନ୍‌ଙ୍କୁ ଆମେରିକାର ସେଣ୍ଟ୍ରାଲ ଇଣ୍ଟେଲିଜେନ୍ସ ଏଜେନ୍ସି ଓ ବ୍ରିଟେନ୍‌ର ଏମ୍‌ଆଇ-୬ ଦ୍ୱାରା ପଦଚ୍ୟୁତ କରାଗଲା। ଗୁଏଟ୍‌ମାଲାରେ ରାଷ୍ଟ୍ରପତି ଜ୍ୟାକୋବୋ ଆବେଞ୍ଜାନଙ୍କୁ ଆମେରିକୀୟ ଫାର୍ମ ଉପରେ କର ଲଗାଇବା କାରଣରୁ ଗାଦିଚ୍ୟୁତ୍ କରାଗଲା। କଙ୍ଗୋରେ ମଧ୍ୟ ବେଲ୍‌ଜିୟମଠାରୁ ସ୍ୱାଧୀନ ହେବାପରେ ୟୁରାନିୟମର ଜାତୀୟକରଣ କାରଣରୁ ରାଷ୍ଟ୍ରପତି ଲୁମୁମ୍ବାଙ୍କୁ ହତ୍ୟା କରାଗଲା। କ୍ୟୁବାରେ କ୍ରାନ୍ତିର ପ୍ରମୁଖ ଚେ ଗେଓ୍ୱାରାଙ୍କୁ ଗିରଫ କରି ହତ୍ୟା କରାଗଲା। ଚିଲିରେ ରାଷ୍ଟ୍ରପତି




ସାଲଭାଡ଼ୋର ତମ୍ବାର ଜାତୀୟକରଣ କରିବାରୁ ଗାଦିଚ୍ୟୁତ କରାଗଲା। ପାଶ୍ଚାତ୍ୟ ବ୍ୟାଙ୍କର ଋଣ ହ୍ରାସ କରିବାରୁ ଘାନାର ରାଷ୍ଟ୍ରପତି କ୍ୱାମେଙ୍କୁ ନିର୍ବାସିତ ହେବାକୁ ପଡ଼ିଥିଲା। ଋଷିଆ ସହ ମେଣ୍ଟ କରିବାରୁ ଗ୍ରେନାଡ଼ାରେ ଜେନେରାଲ ହଡ଼ସନଙ୍କୁ ମୃତ୍ୟୁ ଦଣ୍ଡରେ ଦଣ୍ଡିତ କରାଯାଇଥିଲା। ଆଫଗାନିସ୍ଥାନରେ ସ୍ଥାନୀୟ ଅଧିବାସୀଙ୍କୁ ଆମେରିକା ରୁଷିଆ ବିରୁଦ୍ଧରେ ଲଢ଼ିବାକୁ ପ୍ରଶିକ୍ଷଣ ଦେଉଥିଲା। ଏହପରି ଲୋମହର୍ଷକ ଘଟଣା ଅନେକର ମୂକସାକ୍ଷୀ ଅଟେ ଇତିହାସ। ଆମେରିକାର କଡ଼ା ତଥା ଅମାନୁଷିକ ଆଭିମୁଖ୍ୟରେ ଇତିହାସ ରକ୍ତରଞ୍ଜିତ ହୋଇଛି।

ଅଧୁନା ବିଶ୍ୱର ବିଭିନ୍ନ ଉପକଣ୍ଠରେ ଯୁଦ୍ଧ ଓ ସାମରିକ ଉତ୍ତେଜନା ପରିସ୍ଥିତି ଦେଖାଯାଇଛି। କେଉଁଠାରେ ସିଧାସଳଖ ଯୁଦ୍ଧ ତ କେଉଁଠି ମିସାଇଲ ଆକ୍ରମଣ, ଏୟାରଷ୍ଟ୍ରାଇକ୍ ଏବଂ ଛାୟାଯୁଦ୍ଧ ଚାଲିଛି। ଏହାଦ୍ୱାରା ବିଶ୍ୱ ରାଜନୀତି ସହିତ ଅର୍ଥବ୍ୟବସ୍ଥା ଏବଂ ସୁରକ୍ଷାକୁ ଘୋର ପ୍ରଭାବିତ କରିଛି। ୨୦୨୨ ମସିହା ଫେବୃଆରୀ ୨୪ ତାରିଖରୁ ରୁଷିଆ ଓ ୟୁକ୍ରେନ୍ ମଧ୍ୟରେ ପୂର୍ଣ୍ଣ ଯୁଦ୍ଧ ଚାଲିଛି ଯେଉଁଥିରେ ଲକ୍ଷାଧିକ ମୃତ୍ୟୁବରଣ ସହ କୋଟିକୋଟି ଲୋକ ବିସ୍ଥାପିତ ହୋଇଛନ୍ତି। ୨୦୨୩ ଅକ୍ଟୋବର ୭ ତାରିଖରେ ହମାସ୍ ଇସ୍ରାଏଲ ଉପରେ ବୃହତ୍ ଆକ୍ରମଣ କରିବାରୁ ଉଭୟ ପକ୍ଷରୁ ହଜାର ହଜାର ଲୋକ ମୃତାହତ ହୋଇଥିବା ବେଳେ ଗାଜାର ଏକ ବଡ଼ ଭାଗ ସମ୍ପୂର୍ଣ୍ଣ ନଷ୍ଟ ହେବା ସହ ମାନବୀୟ ସଂକଟ ଗୁରୁତର ହୋଇଚାଲିଛି। ଉଭୟ କ୍ଷେତ୍ରରେ ଆମେରିକାର ପ୍ରଚ୍ଛନ୍ନ ହାତ ଥିବା କୁହାଯାଉଛି।

ରାଷ୍ଟ୍ରପତି ଟ୍ରମ୍ପଙ୍କ ଉଚ୍ଚାଭିଳାଷୀ ଓ ଖାମ୍‌ଖିଆଲି ନୀତି ଓ 'ମେକ୍ ଇନ୍ ଆମେରିକା' ସ୍ୱପ୍ନ ଯୋଗୁଁ କେତେକ ରାଷ୍ଟ୍ରରେ ପରିସ୍ଥିତି ଏଭଳି ଜଟିଳ ହୋଇଛି ଯେ ଜୀବନ ରକ୍ଷା ଲାଗି ଅନେକ ଲୋକ ବିବିଧ ଅସଦ୍ ଉପାୟ ଗ୍ରହଣ କରିବାକୁ ବାଧ୍ୟ ହେଉଛନ୍ତି। କେତେକ ଦେଶରେ ଅଧିବାସୀମାନେ ସେମାନଙ୍କର ବଳକା ସମ୍ପତ୍ତି ବିକ୍ରି କରି ଆଶ୍ରୟ ସ୍ଥଳକୁ ଛୁଟୁଛନ୍ତି। ଅନ୍ୟ କେତେକ ପରିବାର ଜୀବନ ବଞ୍ଚାଇବା ପାଇଁ ଖାଦ୍ୟ ଯୋଗାଡ଼ ପାଇଁ ଋଣରେ ବୁଡ଼ି ଯାଇଛନ୍ତି। କେତେକ ଯୁଦ୍ଧବିଧ୍ୱସ୍ତ ଅଞ୍ଚଳରେ ଅଧିବାସୀ ଆଗାମୀ ବର୍ଷ ପାଇଁ ସଞ୍ଚିତ ବିହନ ମଧ୍ୟ ଖାଇବାକୁ ବାଧ୍ୟ ହେଉଛନ୍ତି। ଆଉ କେତେକ ଅଞ୍ଚଳରେ ପରିସ୍ଥିତି ଏତେ ଭୟଙ୍କର ହୋଇଛି ଯେ ନିଜ ପରିବାର ପୋଷଣ ପାଇଁ ଦେହଜୀବୀ ଭଳି ହୀନ ପନ୍ଥା ଆପଣେଇ ନେଇ ଅସୁରକ୍ଷିତ ଯୌନ ସମ୍ପର୍କ ରଖିବାକୁ ବାଧ୍ୟ ହେଉଛନ୍ତି। ଫଳରେ ଏଚ୍‌ଆଇଭି ଯୁକ୍ତ ଶିଶୁ ଜନ୍ମ ନେଉଛନ୍ତି। ଏହା ବିଶ୍ୱରେ ଏଡସ୍ ସଂକ୍ରମଣକୁ ପୁଣି ଥରେ ସକ୍ରିୟ କରିବ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଚେତାବନୀ ଦେଇଛନ୍ତି। ଯଥାଶୀଘ୍ର ପଦକ୍ଷେପ ନ ନେଲେ ପରିସ୍ଥିତି ଅତି ଭୟଙ୍କର ହେବ। ହ୍ୟୁ ଓ ୟୁଏନଓ ତୁରନ୍ତ ସକାରାତ୍ମକ ପନ୍ଥା ଅବଲମ୍ବନ କରିବା ଉଚିତ୍।

ଅନ୍ୟପକ୍ଷରେ ଖାମେ ନେଇଙ୍କୁ ହରାଇ ଅତ୍ୟନ୍ତ ପ୍ରତିଶୋଧ ପରାୟଣ ହୋଇପଡ଼ିଥିବା ଇରାନ ଘାତକ ଆକ୍ରମଣ ମାଧ୍ୟମରେ ପଶ୍ଚିମ ଏସିଆରେ ଆମେରିକାର ଆର୍ଥିକ ମେରୁଦଣ୍ଡକୁ ଦୋହଲାଇ ଦେଇଛି।



ଆମେରିକାର ଅର୍ଥନୈତିକ ଅଭିବୃଦ୍ଧି କ୍ଷେତ୍ରରେ ସକ୍ରିୟ ଭାର ବହନ କରିଥିବା ଦୁବାଇ ଓ ତା'ର ବିଶାଳ ବନ୍ଦର ଏବଂ ବିମାନବନ୍ଦରର ଅଭୁତପୂର୍ବ କ୍ଷୟକ୍ଷତି ଘଟାଇଛି ଇରାନର କ୍ଷେପଣାସ୍ତ୍ର ଆକ୍ରମଣ। ବ୍ୟବସାୟିକ ଲକ୍ଷ୍ୟ ହାସଲ ପାଇଁ ବୈଦେଶିକ ପୁଞ୍ଜି ବିନିଯୋଗ ପ୍ରସ୍ତାବକୁ ଆପଣେଇଥିବା ବହୁତ ଆମେରିକୀୟ କମ୍ପାନୀ ମଧ୍ୟ ଧ୍ୱଂସର ତାଣ୍ଡବ ଅନୁଭବ କରିଛନ୍ତି। ଏଣେ ଆକ୍ରମଣ ପ୍ରତିଆକ୍ରମଣ ଓ ହ୍ୱାଇଟ୍ ହାଉସ୍‌ର ଯୁଦ୍ଧଖୋର ମନୋବୃତ୍ତିରେ ଦେଶୀ ଓ ବିଦେଶୀ ପୁଞ୍ଜି ବିନିଯୋଗକାରୀ ଘୋର ଅନିଶ୍ଚିତ ବାତାବରଣ ଆଶଙ୍କା କରିଛନ୍ତି। ଆମେରିକୀୟ କମ୍ପାନୀ ସମୂହରେ ବିନିଯୁକ୍ତ ପୁଞ୍ଜି ଓ ଲାଭାଂଶ ଫେରି ପାରିବାରେ ଦ୍ୱନ୍ଦ୍ୱ ଉପୁଜିଥିବାରୁ ନିବେଶକାରୀ ଆମେରିକୀୟ କମ୍ପାନୀମାନଙ୍କୁ ଚେରି ଚାହିଁବାକୁ ପସନ୍ଦ କରୁନାହାଁନ୍ତି। ନକାରାତ୍ମକ ଅର୍ଥନୈତିକ ପରିବେଶଠାରୁ ଦୂରେଇ ରହିବାକୁ ପସନ୍ଦ କରି ବ୍ରିଟେନ୍, ଫ୍ରାନ୍ସ ଭଳି ବନ୍ଧୁରାଷ୍ଟ୍ର ଏବେ ଟ୍ରମ୍ପଙ୍କ ସହ କାନ୍ଧ ମିଳେଇବାକୁ ରୋକ୍‌ଠୋକ୍ ମନା କରିଦେଇଛନ୍ତି। ସର୍ବଶ୍ରେଷ୍ଠ ବିଶ୍ୱଶକ୍ତି ଆମେରିକାର ଯୁଦ୍ଧଖୋର ମନୋଭାବ ଜାତୀୟ ଅର୍ଥନୀତିକୁ ରସାତଳକୁ ନେବାରେ ବାଧାବନ୍ଧନ ନରହିବାର ଆଶଙ୍କାରେ ଲକ୍ଷ ଲକ୍ଷ ଆମେରିକୀୟ ରାଜରାସ୍ତାକୁ ଓହ୍ଲାଇ ପ୍ରତିବାଦ ସ୍ୱରକୁ ତୀବ୍ର କରିବାକୁ ପସନ୍ଦ କରିଛନ୍ତି।

ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଫିନ୍‌ଲାଣ୍ଡ ରାଷ୍ଟ୍ରପତି ଆଲେକ୍‌ଜାଣ୍ଡାର ଷ୍ଟବ୍‌ଙ୍କ ସହିତ ମିଳିତ ପ୍ରେସ ବିବୃତିରେ କହିଛନ୍ତି, 'କୌଣସି ସମସ୍ୟାକୁ କେବଳ ସେନା ଦ୍ୱାରା ସମାଧାନ କରିହୁଏ ନାହିଁ। ଏଥିପାଇଁ ଆଇନ୍, ଆଲୋଚନା ଏବଂ କୂଟନୀତି ହିଁ ଠିକ୍ ରାସ୍ତା।' ଇରାନ ପାଇଁ ମଧ୍ୟ ଯୁଦ୍ଧ ଏକ ବଡ଼ ଅର୍ଥନୈତିକ ସଙ୍କଟ ଆଣିଛି। ଭାରତ ନିଜ ତେଲ ଆବଶ୍ୟକତାର ୮୦ ପ୍ରତିଶତରୁ ଅଧିକ ବିଦେଶରୁ ଆମଦାନୀ କରିଥାଏ। ଯୁଦ୍ଧ କାରଣରୁ ଏହା ଘୋର ବ୍ୟାହତ ହେବା ଦ୍ୱାରା ପେଟ୍ରୋଲ, ଡିଜେଲ ମହଙ୍ଗା ଓ ଅଭାବ ହେବା ସହିତ ଦରଦାମ୍ ବଢ଼ିବା ଏବଂ ଭାରତୀୟ ଟଙ୍କା ଡଲାର ତୁଳନାରେ ଅଧିକ ଦୁର୍ବଳ ହେବାର ଆଶଙ୍କା ଉପୁଜିଛି। ଅବଶ୍ୟ ଇରାନର ଆଇ ଆର୍‌ଜିସି ସୂଚନା ଦେଇଛି ଯେ ଚୀନ୍ ସମେତ ଭାରତ ପାଇଁ ହର୍ମୁଜ ପ୍ରଣାଳୀ ଖୋଲା ରହିବ ଓ ଭାରତକୁ ତେଲ ମିଳିବ। ଉଭୟ ଇସ୍ରାଏଲ ଓ ଇରାନ ସହିତ ଭାରତର ଭଲ ସମ୍ପର୍କ ରହିଛି। ତଥାପି ଅର୍ଥନୀତିକୁ ଅଧିକ ଗତିଶୀଳ କରିବା ସହିତ ବାଣିଜ୍ୟ ସମତା ରକ୍ଷା କରିବାକୁ ସରକାରଙ୍କୁ କିଛି ନୂଆ ପଦକ୍ଷେପ ନେବା ସହିତ ନୂତନ ଆନ୍ତର୍ଜାତିକ ବଜାର ଖୋଜିବାକୁ ପଡ଼ିବ। ଆମ ଦେଶରେ ଏଲ୍‌ପିଜିର ଦୈନିକ ଆବଶ୍ୟକତା ୮୦ ହଜାର ଟନ୍ ଓ ବାର୍ଷିକ ୩୧.୩ ନିୟୁତ ଟନ୍। ଦେଶରେ ମୋଟ୍ ଏଲ୍‌ପିଜି ବ୍ୟବହାରକାରୀ ଖାଉଟି ପ୍ରାୟ ୩୩.୨ କୋଟି। ଦୁଇ-ତୃତୀୟାଂଶ ବା ୬୭ ପ୍ରତିଶତ ଲୋକ ଜାଳେଣି ଇନ୍ଧନ ଏଲପିଜି ଉପରେ ନିର୍ଭର କରନ୍ତି ଏବଂ ମଧ୍ୟପ୍ରାଚ୍ୟ ଦେଶରୁ ଏଲପିଜି ଉପରେ ଯୋଗାଣ ପ୍ରାୟ ୯୦ ପ୍ରତିଶତ ହୋଇଥାଏ। ଯେତେବେଳେ ଯୁଦ୍ଧ ପାଇଁ ଯୋଗାଣ ପ୍ରଭାବିତ ସେତେବେଳେ ସରକାର ଜରୁରୀକାଳୀନ ପଦକ୍ଷେପ ନେବାର ଆବଶ୍ୟକତା ରହିଛି। ଏଥିପାଇଁ ଭାରତକୁ ଅତ୍ୟନ୍ତ ସତର୍କ ରହିବାକୁ ପଡ଼ିବ।

ଯୁଦ୍ଧ ବନ୍ଦ ଓ ଶାନ୍ତି ସପକ୍ଷରେ ଏବେ ବିଶ୍ୱବ୍ୟାପୀ ସ୍ୱର ଉତ୍ତୋଳନ କରିବା ଆବଶ୍ୟକ। ଯୁଦ୍ଧ ପରିସ୍ଥିତି କେବଳ ସମ୍ପୃକ୍ତ ଦେଶ ପର୍ଯ୍ୟନ୍ତ ସୀମିତ ରହେନାହିଁ। ତେଲ, ଖାଦ୍ୟ ସଙ୍କଟ, ଶରଣାର୍ଥୀ ସମସ୍ୟା ଏବଂ ବୈଶ୍ୱିକ ଅସ୍ଥିରତା ସହ ପରିବେଶ ଉପରେ ବି ଏହାର ସିଧାସଳଖ ପ୍ରଭାବ ପଡ଼ିଥାଏ। କୁହାଯାଏ, ପୋଡ଼ା ମାଟିରୁ ବି କଅଁଳି ଉଠେ ଘାସ ବିଭୋର ହୁଏ ସୁନାର ଖରାରେ, ସେ କ'ଣ ଦେଖିପାରେ ଝିଣ୍ଟିକାର ଭୋକିଲା ଆଖିକୁ। ଝିଣ୍ଟିକା ସତ ଚେଷ୍ଟିତ ଘାସ ପରି ସବୁଜ ହେବାକୁ ଦେହକୁ ରଙ୍ଗ କରୁ କରୁ ଭୁଲିଯାଏ ତା' ଚାରିପାଖେ ସଜା ହୋଇଥିବା ବଣିର ଚକ୍ରବ୍ୟୁହକୁ। ଠିକ୍ ସେହିପରି ବିଶ୍ୱ ରାଜନୀତିରେ ଆଜି ଟ୍ରମ୍ପଙ୍କ ଚକ୍ରବ୍ୟୁହରେ ଅନେକ ଦେଶ କବଳିତ। ଉକ୍ତ ଦେଶର ଅଧିବାସୀଙ୍କ ଆଖିର ଅୟୁତ ସ୍ୱପ୍ନ ମଉଳି କୁଷ୍ଠଗର୍ଭ ଭିତରକୁ ପଶିଯାଇଛି। ସେମାନଙ୍କ ଚିନ୍ତା ଓ ଚେତନା ସମାଧିସ୍ଥ ହୋଇଛି।

ଯୁଦ୍ଧ ଏକମାତ୍ର ବିକଳ୍ପ ନୁହେଁ, ମାତ୍ର ଆପଣା ସ୍ୱାର୍ଥରେ ଲିପ୍ତ ରାଷ୍ଟ୍ରନେତାମାନେ ସମଗ୍ର ବିଶ୍ୱବାସୀଙ୍କୁ ମହାସଙ୍କଟର ଦ୍ୱାର ଦେଶରେ ଆଣି ଠିଆ କରାଇ ଦେଇଛନ୍ତି। ଏଣୁ କୂଟନୈତିକ ସ୍ତରରେ ସମସ୍ୟାର ସମାଧାନ ପାଇଁ ଉଦ୍ୟମ ନିହାତି ଆବଶ୍ୟକ। ଶାନ୍ତିର ପଥ ହରମୋଜକୁ ମାଧ୍ୟମ କରି



ମଧ୍ୟପ୍ରାଚ୍ୟର ଜଟିଳ ପରିସ୍ଥିତିର ସରଳ ସମାଧାନ ବାହାରିପାରିବ। ଏଥିପାଇଁ ଆମେରିକା, ଇସ୍ରାଏଲ ଓ ଇରାନକୁ ଆପଣା ଆପଣା ସ୍ୱାର୍ଥ ତଥା ଅହଂକାରର ଊର୍ଦ୍ଧ୍ୱରେ ରହି ଆପୋଷ ଆଲୋଚନା ମାଧ୍ୟମରେ ସ୍ଥାୟୀ ସମାଧାନ ବିଶ୍ୱବାସୀଙ୍କ ପାଇଁ ଶୁଭଙ୍କର ହେବ, ବିଶ୍ୱବାସୀ ଶାନ୍ତିରେ ନିଃଶ୍ୱାସ ମାରିବେ। ଅନ୍ୟର ସ୍ୱାଧୀନତା, ସ୍ୱଚ୍ଛନ୍ଦତା, ସ୍ୱଚ୍ଛଳତାକୁ ସ୍ୱୀକୃତି ଦେବାକୁ ପଡ଼ିବ। ଶାନ୍ତିର ବାଟ ସରଳ, ପ୍ରଗତିର ବାଟ ଆହୁରି ସରଳ, ହେଲେ ଏ ମଣିଷ ସରଳ ଓ ପ୍ରଗତିବାଦୀ ହେବା ଉଚିତ। ନଚେତ୍ ଏ ସତ୍ୟମ୍ ସୁନ୍ଦରମ୍ ପୃଥିବୀ ଅଚିରେ ଧ୍ୱଂସ ପାଇଯିବ। ମନେରଖ, ହସର ମେଳଣେ ଖୁସି ବାଣ୍ଟିଥାଏ ସିନା, ହେଲେ ଲୁହର ସମୟେ ଉଠ ସାହସ ହେ ତୁରଣ ସାଜିଥାଏ। ଉଠ ହେ ତରୁଣ, ତ୍ୟାଗୀ ଆଳସ୍ୟ ନିଦ। ପୂର୍ବ ଆକାଶେ ଉଇଁଲାଣି ଦେଖ, ରକ୍ତିମ ରବି ହସ। ଶୁଭୁଛି ଶଙ୍ଖ, ବାଜୁଛି ଭେରୀ... କର କର୍ଣ୍ଣପାତ ଆଜି, ଶାନ୍ତି ଓ ପ୍ରଗତିର ପଥେ ଆଗେଇ ଚାଲ ହେ, ତ୍ୟାଗୀ ମନୁ ସକଳ ଉଚ୍ଚ, ନୀଚ ଭେଦଭାବ। ଅଧର୍ମ ବିନାଶେ, ନ୍ୟାୟର ପ୍ରତିଷ୍ଠା ପାଇଁ ହୁଅ ଆଗଭର, ତୁମ ପୌରୁଷେ କମ୍ପି ଉଠୁ ଆଜି, ଆମ ଏ ବିଶ୍ୱ ଧାମ। ଜାତି ବର୍ଣ୍ଣର ଭେଦଭାବ ଭୁଲି, ହୁଅ ଏକ ମନ ପ୍ରାଣ। ସଂଗଠନେ ଶକ୍ତି ଜାଗ୍ରତ କର, କର ହେ ଆତ୍ମ ଚିନ୍ତନ। କୁହୁଡ଼ି ଆଢୁଆଳେ ଲୁଚିଛି ଦେଖ ପବିତ୍ର ପ୍ରେମର ସିନ୍ଧୁ। ଧୈର୍ଯ୍ୟ ଓ ତ୍ୟାଗରେ ଜିତିବା ଆମେ, ଏଇତ ଜୀବନ ଶିକ୍ଷା।

ତେଣୁ ହେ ବିଶ୍ୱବାସୀ ! ଜୀବନର ଅନେକ ସମସ୍ୟା ଭିତରେ ଖୁସିକୁ ଚୟନ କରିବା। ପରିସ୍ଥିତି ଯାହା ହେଉ ନା କାହିଁକି, ଆମେ ଖୁସି ରହିବୁ। ଯେତେ ବାଧାବିଘ୍ନ ଆସୁ, ଆମେ ଦୃଢ଼ଭାବରେ ସବୁକୁ ସାମ୍ନା କରିବୁ। ଜୀବନରେ ବ୍ୟସ୍ତତା ରହିବ, କିନ୍ତୁ ତା' ଭିତରେ ଆମେ ଭୁଲି ଯିବାନି ଯେ ଗୋଟିଏ ସୁନ୍ଦର ପୃଥିବୀ ଆମ ଚାରିପାଖେ ରହିଛି, ଯିଏ ସଦା ଆମକୁ ହାତ ଠାରି ଡାକୁଛି, ତାକୁ ଅବଲୋକନ କରି ପରିତୃପ୍ତିର କିଛି ସମୟ ବିତାଇବା ପାଇଁ। କିଛି ସ୍ନେହ, କିଛି ଭଲ ପାଇବା ଓ ଉଦାରତା ନିଜ ପରିବାର, ବନ୍ଧୁବାନ୍ଧବ ଏବଂ ପଡ଼ୋଶୀମାନଙ୍କ ଭିତରେ ମଧ୍ୟ ବାଣ୍ଟିବା। ବର୍ତ୍ତମାନକୁ ଉତ୍ସାହର ସହ ବଞ୍ଚିବାକୁ ଚେଷ୍ଟା କଲେ ଜୀବନ ଆନନ୍ଦମୟ ହେବ। 'ଯୁଦ୍ଧଂ ଦେହି ବଦଳରେ ଶାନ୍ତିଂ ଦେହି'ର ଧ୍ୱନି ବିଶ୍ୱ ସମ୍ମୁଖରେ ଉପସ୍ଥାପିତ କରିବା ଓ ଯୁଦ୍ଧଖୋର ନେତାଙ୍କୁ ନରକର ରାସ୍ତା ଦେଖାଇବା।

ପରିବେଶ ବିଜ୍ଞାନୀ
ମୋ- ୯୪୩୮୬୨୧୩୯୧

## ମନକୁ ଆସିଲା ଯାହା ୬୪

# ଯୁଦ୍ଧ ନୁହେଁ...ଶାନ୍ତି ଚାହୁଁ...!!

ସୌମ୍ୟଶ୍ରୀ ପାଣିଗ୍ରାହୀ



ଆଜି ସାମାଜିକ ଗଣମାଧ୍ୟମରେ ଛୋଟ ଭିଡିଓଟେ ଦେଖିଲି। ଅଲଜଜୀରା ଟିଭି ସୌଜନ୍ୟରୁ ମଧ୍ୟପ୍ରାଚ୍ୟର ଯୁଦ୍ଧ ସମୟର ଭିଡିଓଟିଏ। ଇରାନରେ ଭୟଙ୍କର ଯୁଦ୍ଧର ବିଭୀଷିକା ଚାଲିଥିଲା ବେଳେ କୁନିପିଲା କେଇଟାଙ୍କ ଖେଳ ସମୟର ଭିଡ଼ିଓ। ଆମେ ଯେମିତି ପିଲା ବେଳେ ଚୋର ପୁଲିସ କି ବୋହୁଚୋରୀ ଖେଳ ଖେଳୁଥିଲେ, ପ୍ରାୟ ୬-୭ ବର୍ଷର ପିଲାମାନେ ସେମିତି ଏକ ଖେଳ ଖେଳୁଛନ୍ତି। ଯେଉଁଥିରେ ଜଣେ ମରିଯିବାର ଅଭିନୟ କରୁଛି ଓ ଅନ୍ୟମାନେ ତାକୁ ଷ୍ଟ୍ରେଚରରେ ଉଠେଇନେଇ ଡାକ୍ତରଖାନା ନେଇଯାଉଛନ୍ତି। ଥରେ ଭାବିଲେ, କେଡ଼େ ବକଟେ କୁନିପିଲା, ତାଙ୍କ ମୁଣ୍ଡରେ ବା' ଅଛି କଣ ? ସେମାନେ ଆଖପାଖରେ ଯାହା ଦେଖିବେ, ସେଇଥିରୁ ଦେଖି ହିଁ ଖେଳ ଖେଳିବେ ନାଁ। ଠିକ ସେମିତି ରଏଟର୍ସ ସୌଜନ୍ୟରୁ ପ୍ରାପ୍ତ ଖବରକାଗଜରେ ଫଟୋଟିଏ। ଯେତେବେଳେ ସାମ୍ବାଦିକ ଫଟୋ ଉଠେଇବେ ବୋଲି କ୍ୟାମେରା କାଢି ଲେନ୍ସ ସଜାଡୁଛନ୍ତି ଓ ପିଲା ଆଡକୁ ମୁହେଁଇଛନ୍ତି, ପିଲାଟି ନିଜ ଆଡକୁ ବନ୍ଧୁକ ମୁହେଁଇଛି ବୋଲି ଭାବି ସମର୍ପଣର ମୁଦ୍ରାରେ ହାତ ଦୁଇଟି ଉପରକୁ କରିଦେଇଛି, ପିଲାଟିର ଭାବନା ବୁଝନ୍ତୁ। ଯାହା ଆଖପାଖରେ ଦେଖିଛି, ତାହା ହିଁ ଶିଖିଛି।

ଆଜିର ଦିନରେ ଦୁନିଆରେ ଏକାସାଙ୍ଗେ ଅନେକ ଯୁଦ୍ଧ ଚାଲିଛି। ଋଷ-ୟୁକ୍ରେନର ଯୁଦ୍ଧ ସରି ନଥିବା ବେଳେ ହିଁ ଆରମ୍ଭ ହୋଇଯାଇଛି ମଧ୍ୟ-ପ୍ରାଚ୍ୟରେ ଆମେରିକା-ଇସ୍ରାଇଲ ସହ ଇରାନର ଯୁଦ୍ଧ। ଏସବୁ ଯୁଦ୍ଧରେ ସାମିଲ ରାଜନେତାଙ୍କ ମନରେ ଭ୍ରାନ୍ତଧାରଣା ଯେ, ହିଂସାର ଶକ୍ତିରେ ହିଁ ସବୁକିଛି ହାସଲ କରିହେବ। ମାତ୍ର ସତ୍ୟତା ଏୟା ଯେ, ଅହିଂସା ହିଁ ସବୁଠାରୁ ବଡ ଅସ୍ତ୍ର। କାରଣ ବିଶ୍ୱ ଇତିହାସ ସାକ୍ଷୀ ଅଛି, ଯେଉଁମାନେ ଯୁଦ୍ଧ ଓ ସଂଘର୍ଷଠାରୁ ଦୁରେଇ ଯାଇଛନ୍ତି ସେମାନେ ଶାନ୍ତି ଓ ପ୍ରଗତିକୁ କୋଳେଇ ନେଇଛନ୍ତି। ଆମେ ଅଧିକାଂଶ ବେଳେ ହିଂସାକୁ ମାରପିଟ, ଅପରାଧ ନହେଲେ ରକ୍ତପାତ ଶହ ଯୋଡ଼ିକରି ଦେଖୁ, ମାତ୍ର ଅସଲ ହିଂସା ତ ଆମ ଦୈନନ୍ଦିନ ଜୀବନ ଓ ମାନସିକ ଚିନ୍ତାରେ ହିଁ ଲୁଚି ବସିଛି। ପରିବାର ସହ ଝଗଡା, ଏପରିକି ଉଚ୍ଚ ସ୍ୱରରେ କଠୋର ଓ କଟୁ ଶବ୍ଦ ପ୍ରୟୋଗ, କ୍ରୋଧ ଓ ଅହଂକାର, ନିଜ କର୍ମସ୍ଥଳୀରେ ଭୟ ଏବଂ ଅପମାନ ଏସବୁ ମିଳିମିଶି ଆମ ଜୀବନର ଗୁଣବତ୍ତାକୁ କମ କରିଚାଲିଛି। ଏଥିକୁ ଉପାୟ କଣ ?

ଗବେଷଣାରୁ ଜଣା ପଡିଛି ଯେ, ହିଂସା ଆମ ଦୈନନ୍ଦିନ ଅଭ୍ୟାସର ଏକ ପ୍ରତିଫଳନ ମାତ୍ର। ସମ୍ମାନ ଓ କରୁଣା, କେବଳ ଏକ ନୈତିକ ମୂଲ୍ୟବୋଧ ନୁହେଁ, ବରଂ ମାନସିକ ସ୍ୱାସ୍ଥ୍ୟ, ସାମାଜିକ ସ୍ଥିରତା ଓ ଉନ୍ନତ ଜୀବନଶୈଳୀ ପାଇଁ ଏକ ପ୍ରେରଣାଦାୟୀ ଉପାୟ ନିଶ୍ଚୟ। ଆଜି ଆମ କାର୍ଯ୍ୟାଳୟର ଜଣେ ସହକର୍ମୀଙ୍କ ସହ କଥା ହେଲାବେଳେ ମହାତ୍ମା ଗାନ୍ଧୀଙ୍କ କଥା ହଠାତ ପଶିଆସିଲା। ଅହିଂସାର ମୂର୍ତ୍ତୀମନ୍ତ ପ୍ରତୀକ ରୁପେ ତାଙ୍କର ଜନ୍ମଜୟନ୍ତୀ, ଅକ୍ଟୋବର ୨କୁ ଆନ୍ତର୍ଜାତୀୟ ଅହିଂସା ଦିବସ ରୁପେ ପାଳନ କରାଯାଏ। ପୁଣି ଗତ ସପ୍ତାହରେ ୩୧ ମାର୍ଚ୍ଚ (ମଙ୍ଗଳବାର) ଦିନ ଆମେ ପାଳିଛୁ ମହାବୀର ଜୟନ୍ତୀ। ପରମକାରୁଣିକ ବୁଦ୍ଧ ଏବଂ ମହାବୀର ଜୈନଙ୍କ ଜୀବନ ମଧ୍ୟ ଅହିଂସାର ସଫଳ ପ୍ରତିଫଳନ। ସେମାନଙ୍କ ଭାଷାରେ ଅହିଂସା କେବଳ କର୍ମରେ ନୁହେଁ, ବିଚାରର ଶୁଦ୍ଧତା ଓ ବାଣୀର ସଂଯମତାରେ ମଧ୍ୟ ଦେଖାଯିବା ଦରକାର। ଖାସକରି ବର୍ତ୍ତମାନ ସମୟରେ ଯେଉଁଠି ସାରା ଦୁନିଆ ଆଗ୍ନେୟାସ୍ତ୍ରର ଭାଷା କହୁଛି ସେଠି ଅହିଂସା ହିଁ ଆଶାର ଏକମାତ୍ର କିରଣ। ମୁଁ ଏ କଥାକୁ ଆଉଟିକେ ନିରିଖେଇ ବୁଝିବା ପାଇଁ, ନିଜେ ମଧ୍ୟ କିଛି ବହିପତ୍ର ଓ ଇଣ୍ଟରନେଟ୍ ଘାଣ୍ଟି ଚାଲିଲି। ଜବାବ ବି ମିଳିଗଲା ସଙ୍ଗେ ସଙ୍ଗେ।

ଇତିହାସ ସାକ୍ଷୀ ଅଛି, ଯେଉଁଠି ଅହିଂସା, ସେଇଠି ଖୁସି, ଶିକ୍ଷା ଏବଂ ନବାଚାର (ଇନୋଭେସନ) ପ୍ରଗତି ପଥରେ ଆଗେଇ ନେଇଛି ଦେଶକୁ। କୋଷ୍ଟାରିକା ନାମକ ଦେଶ, ୧୯୪୮ର ଯୁଦ୍ଧ ପରେ ନିଜ ସେନାବାହିନୀ ଭଙ୍ଗ କରିଦେଇଥିଲା। ବର୍ତ୍ତମାନ ବିଶ୍ୱର ସବୁଠାରୁ ସୁଖୀ ଦେଶର ସୂଚୀରେ ଶୀର୍ଷ ୫ ମଧ୍ୟରେ ନିଜର ସ୍ଥାନ ପକ୍କା କରିସାରିଛି। ଜାପାନ ମଧ୍ୟ ପର୍ଲ ହାର୍ବର ବିଭୀଷିକା ଓ ହୀରୋସିମା-ନାଗାସାକୀ ବିସ୍ଫୋରଣ ପର ଠାରୁ ନିଷ୍ପତ୍ତି ନେଲା ଯେ, ଆନ୍ତର୍ଜାତୀୟ ମାମଲାରେ କଦାପି ହିଂସାକୁ ବିକଳ୍ପ ରୁପେ ବାଛିବ ନାହିଁ। ୧୯୬୦ ଦଶକରୁ ୧୦% ବିକାଶ ହାର ସହ ଆଜି ବିଶ୍ୱର ଶୀର୍ଷ ୫ଟି ଅର୍ଥନୀତିରେ ସାମିଲ ହୋଇପାରିଛି। ସ୍ୱିଜରଲ୍ୟାଣ୍ଡ ପରି ଦେଶ ଗତ ୨୦୦ ବର୍ଷ ମଧ୍ୟରେ କୌଣସି ବି ଯୁଦ୍ଧରେ ଭାଗ ନନେଇ ନିଜ ଦେଶର ଉନ୍ନତିରେ ଧ୍ୟାନ କେନ୍ଦ୍ରୀତ କରିଛି। ନବାଚାର ଓ ପ୍ରଦ୍ୟୋଗିକୀ ଉତ୍କର୍ଷ ଉପରେ ଅଧିକ ଧ୍ୟାନ କେନ୍ଦ୍ରୀତ କରି, ଆଜି ବିଶ୍ୱର ସବୁଠାରୁ ସୁରକ୍ଷିତ ଦେଶର ମାନ୍ୟତା ପାଇଛି।

ଆମ ଭାରତ କଥା ଦେଖୁ ନାହାନ୍ତି। ମହାବୀର ଜୈନ ଓ ଗୌତମ ବୁଦ୍ଧଙ୍କର ଜନ୍ମସ୍ଥଳୀ, ଏଇ ଦେଶରେ ଗାନ୍ଧୀଙ୍କର ଅହିଂସା ମାର୍ଗରେ ଚାଲି ସ୍ୱାଧୀନତା ମିଳିଲା। ଦୁନିଆକୁ ଅହିଂସାର ପାଠ ପଢାଉଥିବା ଭାରତ, କେବେ ଥରେ ମଧ୍ୟ ନିଜଆଡୁ ଅନ୍ୟକାହା ଉପରେ ଯୁଦ୍ଧ ଲଦିଦେଇ ନାହିଁ। ବର୍ତ୍ତମାନ ବିଶ୍ୱର ୪ର୍ଥ ବୃହତ୍ତମ ଅର୍ଥବ୍ୟବସ୍ଥା ଓ ନିଜର ଗୋଷ୍ଠୀ ନିରପେକ୍ଷ ସ୍ୱତନ୍ତ୍ର ବିଦେଶନୀତି ପାଇଁ ବିଶ୍ୱ ସମୁଦାୟର ଆସ୍ଥା କେନ୍ଦ୍ର ପାଲଟି ପାରିଛି। ସାରା ବିଶ୍ୱରୁ ଏମିତି ଖୋଜିବସିଲେ ଅନେକ ଉଦାହରଣ ମିଳିଯିବ। କଲମ୍ବିଆର ଗୃହଯୁଦ୍ଧ ସରିବା ପରେ ଯୁବଗୋଷ୍ଠୀ ବନ୍ଧୁକ ଓ ଅନ୍ୟ ଅସ୍ତ୍ରଶସ୍ତ୍ରକୁ ଗୀଟାର ତଥା ଅନ୍ୟ ସଂଗୀତ ଉପକରଣରେ ବଦଳେଇଦେଇଥିଲେ। ଗାଜାପଟ୍ଟୀରେ ମିସାଇଲ ଆକ୍ରମଣରେ ଧ୍ୱସ୍ତ ବିଧ୍ୱଂସ ହୋଇ ଜରାଜୀର୍ଣ୍ଣ ଶ୍ରେଣୀଗୃହରେ ବି ନିରନ୍ତର ଶିକ୍ଷାଦାନ ଚାଲିଛି। ଭୟଙ୍କର ଯୁଦ୍ଧ ବି' ଅଟେକେଇ ପାରିନି ଶିକ୍ଷାର ଜୟଯାତ୍ରାକୁ। ଠିକ ସେମିତି ଚିତ୍ର ଆଫଗାନିସ୍ଥାନରେ ମଧ୍ୟ ଦେଖିବାକୁ ମିଳିଛି। ବାମିୟାନର ବୁଦ୍ଧମୁର୍ତ୍ତୀ ସିନା ଭାଙ୍ଗିଯାଇଛି ମାତ୍ର ଗୋଟେ ହାତରେ ବନ୍ଧୁକ, ଆର ହାତରେ ବହିଧରିଥିବା ଯୁବକ ବି ଅହିଂସାର ବାଣୀ ଶୁଣାଉଛନ୍ତି।

ଆଫ୍ରିକୀୟ ଦେଶ ସୁଦାନରେ ୨୦୧୮-୧୯ରେ ଆନ୍ଦୋଳନ ସମୟରେ ଅସ୍ତ୍ରଶସ୍ତ୍ର, ଗୋଳାବାରୁଦ କି ବନ୍ଧୁକ ନୁହେଁ, ବରଂ ଗୀତ ଓ କବିତା ପାଲଟିଥିଲା ବିରୋଧର ପ୍ରମୁଖ ମାଧ୍ୟମ। ୩୦ ବର୍ଷର ପୁରୁଣା ଶାସକଙ୍କୁ ଅହିଂସା ଉପାୟରେ ଗାଦୀଚ୍ୟୁତ କରିସାରିଥିବା ବେଳେ ବର୍ତ୍ତମାନ ସ୍ଥାୟୀ ଶାନ୍ତି ପ୍ରତିଷ୍ଠାର ପ୍ରୟାସ ଚାଲିଛି। ରୁଆଣ୍ଡାରେ ସେହିପରି ୧୯୯୪ରେ ଜାତିଗତ ବିଭେଦ ଓ ସତ୍ତା ପାଇଁ ସଂଘର୍ଷ ସମୟରେ ପ୍ରାୟ ୮ ଲକ୍ଷ ଲୋକଙ୍କର ନିର୍ମମ ହତ୍ୟା କରାଯାଇଥିଲା। ବ୍ୟାପକ ନରସଂହାର ପରେ ସ୍ଥାନୀୟ ଅଦାଲତ ଗୁଡିକ ଅହିଂସକ ଉପାୟରେ ସମାଧାନର ବାଟ ବାହାର କରିଥିଲେ। ସାରାବିଶ୍ୱରେ ଅହିଂସା ଉପରେ ଆଧାରିତ ୫୦ ହଜାରରୁ ଅଧିକ ପୁସ୍ତକ ପ୍ରକାଶିତ, ପୁଣି ୩୦୦ରୁ ଅଧିକ ବିଶ୍ୱବିଦ୍ୟାଳୟରେ ଅହିଂସା ଓ ଶାନ୍ତି ବିଷୟରେ ପାଠକ୍ରମ ପ୍ରଦାନ କରାଯାଉଛି। ମହାବୀରଙ୍କ 'ଆଚାରାଙ୍ଗ ସୁତ୍ର', ବୁଦ୍ଧଙ୍କ 'ଧମ୍ମପଦ', ଗାନ୍ଧୀଙ୍କ 'ସତ୍ୟର ପ୍ରୟୋଗ' ଏବଂ 'ଶାନ୍ତି ଓ ଯୁଦ୍ଧ' ତଥା ଗେନ ସାର୍ପଙ୍କର 'ଅହିଂସକ ଆଚରଣ' ଆଦି ପୁସ୍ତକ ଗୁଡିକ ଯୁଗେଯୁଗେ ସାରା ବିଶ୍ୱକୁ ଅହିଂସାର ବାଣୀ ଶୁଣଉଥିବେ। ବିଭିନ୍ନ ଧର୍ମଗ୍ରନ୍ଥରେ ମଧ୍ୟ ଅହିଂସାର ଜୟଗାନ କରାଯାଇଛି।

ଚଣ୍ଡକୌଶିକ ସର୍ପଦଂଶନ କରିବା ସତ୍ତ୍ୱେ ମଧ୍ୟ ମହାବୀରଙ୍କ ଅହିଂସା ଆଚରଣ, ବୁଦ୍ଧଙ୍କ ଦ୍ୱାରା ଡାକୁ ଅଙ୍ଗୁଳିମାଳର ହୃଦୟ ପରିବର୍ତ୍ତନ, ଲବଣ ସତ୍ୟାଗ୍ରହରେ ମହାତ୍ମା ଗାନ୍ଧୀଙ୍କର ୩୯୦ କିମି ଦାଣ୍ଡି ପଦଯାତ୍ରା, ମାର୍ଟିନ ଲୁଥର କିଙ୍ଗଙ୍କର ଅହିଂସକ ସଂଘର୍ଷ, ସୀମାନ୍ତ ଗାନ୍ଧୀ ଖାନ ଅବଦୁଲ ଗଫାର ଖାଁଙ୍କ ନିରସ୍ତ୍ର ଅହିଂସକ ସେନାବାହିନୀ, ମ୍ୟାନମାରର ଆଙ୍ଗ ସାନ ସୁ୍ୟକିଙ୍କର ବନ୍ଧୁକ ସାମ୍ନାରେ ମଧ୍ୟ ଖାଲି ପାଦରେ ଚାଲିବା, ଚେକୋସ୍ଲୋଭାକିଆର ବାସ୍ଲାଭ ହେବେଲଙ୍କର ୧୯୮୯ର ଅହିଂସକ 'ଭେଲଭେଟ ରିଭଲ୍ୟୁସନ' ଦ୍ୱାରା ସତ୍ତା ପରିବର୍ତ୍ତନ ପୁଣି ମଣିପୁରର ଇରୋମ ଶର୍ମିଳା ଚାନୁଙ୍କର ସଶସ୍ତ୍ର ସେନାର ଅତ୍ୟାଚାର ବିରୋଧରେ ୧୬ ବର୍ଷର ନିରବଛିନ୍ନ ଉପବାସ...ଏସବୁ ଅହିଂସାର ପ୍ରତୀକାତ୍ମକ ଚେହେରା ନୁହେଁ କି ?

ଆଜିକାଲି ତ' ଅହିଂସା ପର୍ଯ୍ୟଟନ ନାମରେ ସାରା ବିଶ୍ୱରେ ୮୦୦ରୁ ଅଧିକ ପର୍ଯ୍ୟଟନ ସ୍ଥଳକୁ ବିକଶିତ କରାଯାଇଛି। ଯେଉଁଗୁଡିକ ଅହିଂସା ସହ କୌଣସି ଉପାୟରେ ଜଡିତ, ପର୍ଯ୍ୟଟକମାନେ ସେଠାକୁ ଯାଇ ଅହିଂସାର ମହତ୍ତ୍ୱ ବୁଝିପାରୁଛନ୍ତି। ଅହିଂସାକୁ ଆଧାର କରି ୧୦୦୦ରୁ ଅଧିକ ଚଳଚ୍ଚିତ୍ର ମଧ୍ୟ ନିର୍ମିତ ହୋଇସାରିଛି। ଆଟେନବେରୋଙ୍କ ଗାନ୍ଧୀ, ମାଣ୍ଡେଲାଙ୍କ ଲଙ୍ଗୱାକ ଟୁ ଫ୍ରିଡମ୍, ସେଲମା, ହୋଟେଲ ରୁୱାଣ୍ଡା ପୁଣି ବଲିଉଡ୍‌ର 'ଲଗେରହୋ ମୁନ୍ନାଭାଇ' ମଧ୍ୟ ଅହିଂସାର ବିଷୟବସ୍ତୁକୁ ଛୁଇଁଛି।୧୯୦୦ରୁ ୨୦୦୬ ମଧ୍ୟରେ ସାରା ବିଶ୍ୱରେ ଯେତେବି ଆନ୍ଦୋଳନ ହୋଇଛି, ତନ୍ମଧ୍ୟରେ ଅହିଂସକ ଆନ୍ଦୋଳନର ସଫଳତା ହାର ହିଂସ୍ର ରକ୍ତପାତ ଠାରୁ ଦୁଇଗୁଣ ରହିଛି। ଆଜି ମୁଁ ଏତେସବୁ ବଖାଣିବାର କାରଣ, ଆଜିର ଦୁନିଆଁକୁ ହିଂସା ନୁହେଁ ଅହିଂସାର ଆବଶ୍ୟକତା ଅଛି। ଆମେ ଯୁଦ୍ଧ ନୁହେଁ ଶାନ୍ତି ଚାହୁଁ। କେବଳ ୨ ଅକ୍ଟୋବର କି ମହାବୀର ଜୟନ୍ତୀ ନୁହେଁ, ବର୍ଷକ ଯାକ ଅହିଂସା ଦିବସ ପାଳନ ହେଲେ କେମିତି ହୁଅନ୍ତା। ସତରେ ଖୁବ ଭଲ ହୁଅନ୍ତା। ନାଁ କଣ କହୁଛନ୍ତି...!!

ଛାଇ, ଜଗନ୍ନାଥ ବିହାର
ଭଦ୍ରକ, ମୋ-୭୦୦୮୬୦୧୧୬୧

ଫ୍ୟାସନ୍

# ଫ୍ୟାସନରେ ଜେଲ୍ ନେଲ୍ ଆର୍ଟ

**ମହିଳା ବା ଯୁବତୀମାନେ ଯେକୌଣସି ପାର୍ଟି କିମ୍ବା ଫଙ୍କସନ୍ ସମୟରେ ମେକଅପ୍ ଏବଂ ସୁନ୍ଦର ପୋଷାକ ପିନ୍ଧି ପ୍ରସ୍ତୁତ ହୋଇଥାନ୍ତି। ସେମିତି ଫ୍ୟାସନ୍‌ରେ ମଧ୍ୟ ନଖ ପ୍ରତି ଧ୍ୟାନ ଦେଇଥାନ୍ତି। ଆଜିକାଲି ନେଲ୍ ଆର୍ଟ ସମସ୍ତେ କରିବା ପାଇଁ ପସନ୍ଦ କରନ୍ତି। ସେହିପରି ଛୋଟ ଛୋଟ ନଖରେ ଜେଲ୍ ନେଲ୍ ଆର୍ଟ କରିପାରିବେ। ଏହି ଜେଲ୍ ନେଲ୍ ଆର୍ଟଟି ବହୁତ ଟ୍ରେଣ୍ଡରେ ରହିଛି। ଯାହା ଆପଣଙ୍କ ହାତକୁ ସୁନ୍ଦର ଦେଖାଯିବ। ଆସନ୍ତୁ ଜାଣିବା ଏହି ନେଲ୍ ଆର୍ଟ ବିଷୟରେ।**

### ଲାଇଟ୍ ପିଙ୍କ୍ କଲର୍ ଜେଲ୍ ନେଲ୍ ଆର୍ଟ

ଆପଣଙ୍କ ହାତର ସୌନ୍ଦର୍ଯ୍ୟ ବଢ଼ାଇବାକୁ ଚାହୁଁଥିଲେ ଏହି ହାଲୁକା ପିଙ୍କ୍ ରଙ୍ଗର ଜେଲ୍ ନେଲ୍ ଆର୍ଟ କରିପାରିବେ। ଏହି ପ୍ରକାରର ନେଲ୍ ଆର୍ଟ ସହିତ ଆପଣଙ୍କର ହାତ ଭଲ ଦେଖାଯାଏ। ଆହୁରି ମଧ୍ୟ ଏହି ନେଲ୍ ଆର୍ଟ ପ୍ରତ୍ୟେକ ପୋଷାକ ସହିତ ମ୍ୟାଚ କରେ। ଏହି ନେଲ୍ ଆର୍ଟର ଶେଡ୍ସ ଅନୁଯାୟୀ କରିବାକୁ ପଡ଼ିବ, ଯାହାଫଳରେ ଆପଣଙ୍କ ନଖ ଅଧିକ ଉଜ୍ଜ୍ୱଳ ଦେଖାଯିବ।

### ସ୍ପାର୍କଲ୍ ଜେଲ୍ ନେଲ୍ ଆର୍ଟ

ଆପଣ ଛୋଟ ନଖରେ ସ୍ପାର୍କଲ୍ ଜେଲ୍ ନେଲ୍ ଆର୍ଟ କରିପାରିବେ। ଏହି ପ୍ରକାରର ନେଲ୍ ଆର୍ଟ ଆପଣଙ୍କ ହାତକୁ ମଧ୍ୟ ଭଲ ମ୍ୟାଚ୍ କରିଥାଏ। ଯଦି ଆପଣ ଚାହାଁନ୍ତି, ଏଥିରେ ଏକ ପ୍ରକାରର ଡିଜାଇନ୍ ମଧ୍ୟ କ୍ରିଏଟ୍ କରିପାରିବେ। ଯାହାଫଳରେ ଆପଣଙ୍କ ହାତ ଭଲ ଦେଖାଯିବ। ଆପଣ ଯେକୌଣସି ଆଉଟ୍‌ଫିଟ ସହିତ ଏହିପରି ନେଲ୍ ଆର୍ଟ କରିପାରିବେ। ଏହି ନେଲ୍ ଆର୍ଟଟି ହାତକୁ ବହୁତ ଆକର୍ଷଣୀୟ କରେ।





### ଜେଲ୍ ନେଲ୍ ଆର୍ଟ ଡିଜାଇନ୍

ଛୋଟ ନଖରେ ଏହିପରି ନେଲ୍ ଆର୍ଟକୁ ସମ୍ପନ୍ନ କରିପାରିବେ। ଏହା ଆପଣଙ୍କ ନଖକୁ ବହୁତ ଭଲ ଦେଖାଯିବ। ଏଥିପାଇଁ ଆପଣଙ୍କୁ ବାରମ୍ବାର ନଖର ରଙ୍ଗ ପରିବର୍ତ୍ତନ କରିବାକୁ ପଡ଼ିବ ନାହିଁ। ଏହି ପ୍ରକାର ଜେଲ୍ ନେଲ୍ ଆର୍ଟ ସହିତ ଆପଣଙ୍କ ହାତର ସୌନ୍ଦର୍ଯ୍ୟ ବଢ଼ାଇଥାଏ। ଯୁବତୀମାନେ ଏହି ପ୍ରକାରର ନେଲ୍ ଆର୍ଟକୁ କାଫି ପସନ୍ଦ କରିଥାନ୍ତି।

### ବ୍ଲୁ ଏବଂ ହ୍ୱାଇଟ୍ କଲର୍ ଜେଲ୍ ନେଲ୍ ଆର୍ଟ

ନୀଳି ଏବଂ ଧଳା ରଙ୍ଗ ସହିତ ଜେଲ୍ ନେଲ୍ ଆର୍ଟ ଅଧିକ ସୁନ୍ଦର ଦେଖାଯାଏ। ଏହି ଡିଜାଇନ୍‌ଟି ବହୁତ ଟ୍ରେଣ୍ଡରେ। ଏଥିରେ ଆପଣ ଗ୍ଲେଟର୍ କିମ୍ବା ଫୁଲର ଡିଜାଇନ୍ ମଧ୍ୟ କ୍ରିଏଟ୍ କରିପାରିବେ। ଯାହା ଦ୍ୱାରା ଆପଣଙ୍କ ହାତର ସୌନ୍ଦର୍ଯ୍ୟ ବୃଦ୍ଧି କରେ। ଆପଣ ଏହି ପ୍ରକାରର ନେଲ୍ ଆର୍ଟକୁ ଯେକୌଣସି ସମୟରେ କରିପାରିବେ। ଏହି ଜେଲ୍ ନେଲ୍ ଆର୍ଟଟି ଆପଣଙ୍କ ହାତକୁ ଏକ ନୂଆ ଲୁକ୍ ଦେବ।

ରୋଷେଇ ଘରୁ

## ପଣସ ଗ୍ରୀନ୍ ମଟର ମସଲା

**ଆବଶ୍ୟକ ସାମଗ୍ରୀ:** ପଣସ, ଗ୍ରୀନ୍ ମଟର, ଆଳୁ, ଟମାଟୋ, କାଜୁ, ଅଦା, ପିଆଜ, ଗୋଟା ମସଲା- (ଜିରା, ଗୋଲମରିଚ, ଡାଲଚିନି, ଲବଙ୍ଗ), ଅଦା-ରସୁଣ ପେଷ୍ଟ, ହଳଦୀ ପାଉଡ଼ର, କାଶ୍ମିରୀ ଚିଲି, ଧନିଆ ପାଉଡ଼ର, ରସୁଣ-୪କଲି, ଗରମ ମସଲା, ଧନିଆପତ୍ର, କଞ୍ଚାଲଙ୍କା, ଲୁଣ।

**ପ୍ରଣାଳୀ:** ପଣସକୁ ମିଡ଼ିୟମ୍ ସାଇଜ୍‌ର କାଟି ହଳଦୀ, ଲୁଣ ପକାଇ ସିଝାଇବେ। ଆଳୁକୁ କାଟି ତେଲରେ ଛାଣି ରଖନ୍ତୁ। ସେହି ତେଲରେ ସିଝେଇ ରଖିଥିବା ପଣସକୁ ଭାଜି ରଖିବେ। ଟମାଟୋ, କାଜୁ, ଅଦାକୁ ଗ୍ରାଇଣ୍ଡ କରିନେବେ। ପିଆଜକୁ ମଧ୍ୟ ଅଲଗା ଗ୍ରାଇଣ୍ଡ କରନ୍ତୁ। କଡ଼େଇରେ ତେଲ ଗରମ ହେଲା ପରେ ସେଥିରେ ଜିରା, ଗୋଟା ମସଲା, ଅଦା-ରସୁଣ ପେଷ୍ଟ, ଗ୍ରାଇଣ୍ଡ କରିଥିବା ପିଆଜକୁ ପକାଇ କଷନ୍ତୁ। ସେହି ମସଲାରେ ଗ୍ରାଇଣ୍ଡ କରିଥିବା ଟମାଟୋକୁ ମଧ୍ୟ କଷିବେ। ସେହିପରି ଲୁଣ, ହଳଦୀ ପାଉଡ଼ର, କାଶ୍ମିରୀ ଚିଲି, ଧନିଆ ପାଉଡ଼ର ପକାଇ କଷନ୍ତୁ। ଏହି ସମଲାରେ ଭାଜି ରଖିଥିବା ଆଳୁ, ପଣସ ଏବଂ ଗ୍ରୀନ୍ ମଟର ଦେଇ କଷିବେ। ଏଥିରେ ରସୁଣ ୪କଲି, ପାଣି ଦେଇ ୫ରୁ୬ ମିନିଟ୍ ଘୋଡ଼େଇ ନେବେ। ଶେଷରେ ଗରମ ମସଲା, କଟା ଧନିଆପତ୍ର, କଞ୍ଚାଲଙ୍କା ପକାଇ ଗ୍ୟାସ୍ ବନ୍ଦ କରିନେବେ। ଏହାକୁ ରୁଟି, ପରଟା, ଭାତ ସହିତ ଖାଇବା ପାଇଁ ଦେଇ ପାରିବେ।



## ସାପ୍ତାହିକ ରାଶିଫଳ



ଜ୍ୟୋତିର୍ବିଦ୍
ବିଶ୍ୱନାଥ ପରିଡ଼ା

ନିମାପଡ଼ା, ପୁରୀ,
ମୋବାଇଲ୍:
୯୭୭୭୨୫୨୨୪୦

**ମେଷ:** ସପ୍ତାହଟି ବ୍ୟବସାୟରେ ଉନ୍ନତି ହେବ, କର୍ମକ୍ଷେତ୍ରରେ ସଫଳତା ମିଳିବ। ଅର୍ଥଲାଭର ସୁଯୋଗ ଆସିବ, ସୁଖ ସମୃଦ୍ଧି ବୃଦ୍ଧି ପାଇବ। ବନ୍ଧୁମାନଙ୍କ ସହଯୋଗରେ ଉନ୍ନତି ହେବ। ବାଧାବିଘ୍ନ ଦୂର ହେବ। ପ୍ରତିକାର-ସୋମବାର ଦିନ ଶିବ ଦର୍ଶନ କରଣୀୟ।

**ବୃଷ:** ସପ୍ତାହଟି ବାଦବିବାଦରୁ ଦୂରେଇ ରୁହନ୍ତୁ, ହଇରାଣରେ ପଡ଼ିପାରନ୍ତି । କଠିନ ପରିଶ୍ରମ ଦ୍ୱାରା ବ୍ୟବସାୟରେ ଉନ୍ନତି ହୋଇପାରେ, ଶରୀର ଅସୁସ୍ଥ ରହିବ। ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ପ୍ରତିକାର-କଳା ଗାଈକୁ ରୁଟି ଖାଇବାକୁ ଦିଅନ୍ତୁ।

**ମିଥୁନ:** ସପ୍ତାହଟି କର୍ମକ୍ଷେତ୍ରରେ ନୂତନ ସଫଳତା ମିଳିବ, ଧନ ଲାଭର ସୁଯୋଗ ଆସିବ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଇପାରେ। ବନ୍ଧୁମାନଙ୍କ ସହଯୋଗ ମିଳିବ, ସନ୍ତାନସୁଖରେ ସୁଖୀ ହେବେ। ପ୍ରତିକାର-ମଙ୍ଗଳବାର ଦିନ ହନୁମାନ ଚାଳିଶା ପାଠ କରଣୀୟ।

**କର୍କଟ:** ସପ୍ତାହଟି ଆୟ ଅପେକ୍ଷା ବ୍ୟୟ ଅଧିକ ହେବ, ନିଜ କାର୍ଯ୍ୟରେ ବାଧା ସୃଷ୍ଟି ହେବ, ଶାରୀରିକ ଅସୁସ୍ଥତା ବୃଦ୍ଧିପାଇବ। ପାରିବାରିକ ଅଶାନ୍ତି ବୃଦ୍ଧି ପାଇବ, ମହିଳାମାନେ ନିଜ କାମରେ ଲାଗି ରହିବେ। ପ୍ରତିକାର-ଗୁରୁବାର ଦିନ ବ୍ରାହ୍ମଣଙ୍କୁ ଖାଇବାକୁ ଦିଅନ୍ତୁ।

**ସିଂହ:** ସପ୍ତାହଟି ଚାକିରିକ୍ଷେତ୍ରରେ ଆକସ୍ମିକ ପରିବର୍ତ୍ତନ ହେବ। ଶତ୍ରୁମାନେ ପରାଜିତ ହେବେ। ସ୍ୱାସ୍ଥ୍ୟ ଉନ୍ନତି ହେବ। ରୋଗମୁକ୍ତ ହେବେ, ବିଭିନ୍ନ ସମସ୍ୟାର ସମାଧାନ ହୋଇପାରେ। ପ୍ରତିକାର-ରବିବାର ଦିନ ସୂର୍ଯ୍ୟଙ୍କୁ ଜବା ଫୁଲ ଦେଇ ଜଳଲାଗି କରନ୍ତୁ।

**କନ୍ୟା:** ସପ୍ତାହଟି ବ୍ୟବସାୟରେ ଲାଭବାନ ହେବେ। ବନ୍ଧୁ ସହଯୋଗ ମିଳିବ, ଧନଲାଭର ସୁଯୋଗ ଆସିବ, ଇଚ୍ଛିତ ଅଭିଳାଷ ପୂରଣ ହେବ। ପଦୋନ୍ନତିର ସମ୍ଭାବନା ଅଛି। ପାରିବାରିକ ଶାନ୍ତି ମିଳିବ। ପ୍ରତିକାର-ବୁଧବାର ଦିନ ଗଣେଶଙ୍କୁ ପୂଜା କରଣୀୟ।

**ତୁଳା:** ସପ୍ତାହଟି ମାନ ସମ୍ମାନ ବୃଦ୍ଧି ପାଇବ, ପାରିବାରିକ ସମସ୍ୟା ସମାଧାନ ହେବ। ଚାକିରି କ୍ଷେତ୍ରରେ ଉନ୍ନତି ହେବ। ବ୍ୟବସାୟ ହଇରାଣରେ ହୋଇପାରନ୍ତି। ବନ୍ଧୁ ସହଯୋଗ ମିଳିବ। ପ୍ରତିକାର-ଶୁକ୍ରବାର ଦିନ ମା' ଲକ୍ଷ୍ମୀଙ୍କୁ ପୂଜା କରଣୀୟ।

**ବିଛା:** ସପ୍ତାହଟି କର୍ମକ୍ଷେତ୍ରରେ ସ୍ଥାନନ୍ତରଣ ଯୋଗ ଅଛି। ଶତ୍ରୁମାନେ ପରାଜିତ ହେବେ। ଅଭିଷ୍ଟ ପୂରଣ ହେବ। ମାନସମ୍ମାନ ବୃଦ୍ଧିପାଇବ, ଶାରୀରିକ ଅସୁସ୍ଥତା ଦେଖାଦେବ। ପ୍ରତିକାର-ମଙ୍ଗଳବାର ଦିନ ଛୋଟପିଲାଙ୍କୁ ମିଠା ଖାଇବାକୁ ଦିଅନ୍ତୁ।

**ଧନୁ:** ସପ୍ତାହଟି ବ୍ୟବସାୟରେ କ୍ଷତି ହୋଇପାରେ, କର୍ମକ୍ଷେତ୍ରରେ ଅସୁବିଧାରେ ପଡ଼ିପାରନ୍ତି। ବନ୍ଧୁମାନେ ହଇରାଣ କରିପାରନ୍ତି। ପାରିବାରିକ ଅଶାନ୍ତି ବୃଦ୍ଧି ପାଇବ। ଶାରୀରିକ ଅସୁସ୍ଥତା ବୃଦ୍ଧି ପାଇବ। ପ୍ରତିକାର-ଗୁରୁବାର ଦିନ ମା' ଲକ୍ଷ୍ମୀଙ୍କ ପୂଜା କରଣୀୟ।

**ମକର:** ସପ୍ତାହଟି କଠିନ ପରିଶ୍ରମ ଦ୍ୱାରା ସଫଳତା ଲାଭ କରିବେ, ବ୍ୟବସାୟରେ ହଇରାଣ ହୋଇପାରନ୍ତି। ଆର୍ଥିକ ପରିସ୍ଥିତି ସୁଦୃଢ଼ ରହିବ। ଶାରୀରିକ ଅସୁସ୍ଥତା ବୃଦ୍ଧି ପାଇବ। ପ୍ରତିକାର-ସକାଳୁ କାଉଙ୍କୁ ରୁଟି ଖାଇବାକୁ ଦିଅନ୍ତୁ।

**କୁମ୍ଭ:** ସପ୍ତାହଟି ଆର୍ଥିକ ସମସ୍ୟାର ସମ୍ମୁଖୀନ ହେବେ। କର୍ମକ୍ଷେତ୍ରରେ ଅଶାନ୍ତି ଦେଖାଦେବ। ଶାରୀରିକ ଅସୁସ୍ଥତା ବୃଦ୍ଧି ପାଇବ। ମାନସିକ ଅଶାନ୍ତି ଦେଖାଦେବ। ପ୍ରତିକାର -ଶନିବାର ଦିନ ଶିବ ଦର୍ଶନ କରଣୀୟ।

**ମୀନ:** ସପ୍ତାହଟି ବ୍ୟବସାୟରେ ଲାଭବାନ ହେବେ। ସମସ୍ତ କାର୍ଯ୍ୟରେ ସିଦ୍ଧି ଲାଭ କରିବେ। ସାମାଜିକ ସମ୍ମାନ ଲାଭ କରିବେ। ନିଜ କାର୍ଯ୍ୟରେ ସଫଳତା ଲାଭ କରିବେ। ପାରିବାରିକ ଅଶାନ୍ତି ଦେଖାଦେବ। ପ୍ରତିକାର-ଗୁରୁବାର ଦିନ ବୃହସ୍ପତୀଙ୍କ ମନ୍ତ୍ରପାଠ କରନ୍ତୁ।

ସ୍ମୃତି ଓ ପରମ୍ପରା

# ସ୍ମୃତିରେ ବଞ୍ଚିଛି ବନ୍ଦର

ଅଶୋକ କୁମାର ପଣ୍ଡା

**ନଦୀ ବନ୍ଦର ଚାନ୍ଦବାଲି। ୧୮୭୨ ମସିହାରୁ ୧୯୬୦ ପର୍ଯ୍ୟନ୍ତ ରାଜ୍ୟର ଉଭୟ ଅନ୍ତଃ ଓ ବହିର୍ବାଣିଜ୍ୟ କ୍ଷେତ୍ରରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲା। ରାଜ୍ୟର ସମଗ୍ର କାରବାରର ଶତକଡା ୬୦ ଭାଗକୁ ଏହା ନିୟନ୍ତ୍ରଣ କରୁଥିଲା। ଅତୀତର ସେହି ପ୍ରସିଦ୍ଧ ଚାନ୍ଦବାଲି ବନ୍ଦର ଆଉ ନାହିଁ, ମାତ୍ର ବନ୍ଦରର ସ୍ମୃତି ଏବେ ମଧ୍ୟ ଉଜ୍ଜୀବିତ। ପରିତ୍ୟକ୍ତ ବନ୍ଦର କାର୍ଯ୍ୟାଳୟ, ବୟାଁ, ନଙ୍ଗର, ଜାହାଜର ଯନ୍ତ୍ରାଂଶ, ମାରୱାଡି ସମ୍ପ୍ରଦାୟର ବସତି, ତେଲଙ୍ଗା ବସ୍ତି, ବାଣିଜ୍ୟ କୋଠି ଓ ଗୋଲା, ଭଗ୍ନ ରାଇସ୍‌ମିଲ୍, କ୍ରସଷ୍ଟାଣ୍ଡ ରୋଡ, ମ୍ୟାନ୍ସଫିଲଡ୍ ହଷ୍ଟେଲ, ପିଲିଗ୍ରୀମ ହସ୍ପିଟାଲ ପରି ଅନେକ ସ୍ମୃତିଚିହ୍ନ ବନ୍ଦରକୁ ଅମର କରି ରଖିଛି ବର୍ଷ ବର୍ଷ ଧରି। ପୁରାତନ ଧାମରା ବନ୍ଦରର ଭିତ୍ତିଭୂମି ଉପରେ ଗଢି ଉଠିଥିବା ଆଧୁନିକ ଧାମରା ବନ୍ଦର (ଆଦାନୀ) କାର୍ଯ୍ୟକ୍ଷମ ହେବା ପରେ ଏବେ ପ୍ରାଚୀନ ଚାନ୍ଦବାଲି ବନ୍ଦରକୁ ନେଇ ଅନେକ ସମ୍ଭାବନା ଉଙ୍କି ମାରୁଛି।**




## ରେଭେନ୍ସା ପୋର୍ଟ-

ନଅଙ୍କ ଦୁର୍ଭିକ୍ଷର ତଦନ୍ତ ରିପୋର୍ଟ ଆସିବା ପରେ ଧାମରା ଓ ଫଲ୍ସପଏଣ୍ଟର ଏକ ବିକଳ୍ପ ବନ୍ଦର ସନ୍ଧାନରେ ଥିଲେ ଇଂରେଜ ସରକାର। ୧୮୭୦ ମସିହାରେ ଇଂଲଣ୍ଡ ରୟାଲ ନେଭିର କ୍ୟାପ୍‌ଟେନ୍ ମ୍ୟାକ୍ ନିଲ୍ ଓ ଓଡିଶା ରେଭେନ୍ସ୍ୟ କମିଶନର ଥମାସ୍ ଏଡୱାର୍ଡ ରେଭେନ୍ସା କ୍ଷେତ୍ରୀୟ ଅନୁଧ୍ୟାନ ପାଇଁ ସମୁଦ୍ର ପଥରେ ଧାମରା ମୁହାଣ ଦେଇ ବୈତରଣୀ ନଦୀରେ ଚାନ୍ଦବାଲି ଆସିଥିଲେ। ସେତେବେଳେ ବୈତରଣୀ ନଦୀକୂଳରେ ଏକ କ୍ଷୁଦ୍ର ଗ୍ରାମ ଥିଲା ଚାନ୍ଦବାଲି। ନଦୀ କଡ ଉଚ୍ଚାସ୍ଥାନରେ କିଛି ମତ୍ସ୍ୟଜୀବୀଙ୍କ କୁଡିଆ ଥିଲା। ପାରମ୍ପରିକ ଦେଶୀ ଡଙ୍ଗା ଓ ଧୂଆଁକଳ(ଷ୍ଟିମର)ରେ ଧାନ ଚାଉଳର ବେପାର ଚାଲୁଥିଲା। କ୍ଷେତ୍ରୀୟ ଅନୁଧ୍ୟାନ ପରେ ଚାନ୍ଦବାଲି ବନ୍ଦର ପ୍ରତିଷ୍ଠା ପାଇଁ ମ୍ୟାକ୍ ନିଲ୍ ସରକାରଙ୍କୁ ସୁପାରିଶ କଲେ। ୧୮୭୨ ମସିହାରୁ ସରକାରୀ ଭାବରେ ବନ୍ଦରର କାରବାର ଆରମ୍ଭ ହୋଇଥିଲା। ୧୮୭୪ ମସିହାରେ ଧାମରା ଚାନ୍ଦବାଲି ବନ୍ଦରର ଉନ୍ନତି ପାଇଁ ଏକ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ପ୍ରାୟ ୧୨ ଏକର ଜମି ଉପରେ ଜେଟି, ବନ୍ଦର କାର୍ଯ୍ୟାଳୟ, ଗୋଦାମ ଘର, ଅଫିସ୍ ଗୃହ, ଡାକ ଓ ଟେଲିଗ୍ରାଫ ଘର, ପାୱାର ହାଉସ୍, ପାଣିପାଗ ଅଫିସ୍, ଡାକବଙ୍ଗଳା, ଥାନା, ଅଫିସର ଓ କର୍ମଚାରୀଙ୍କ ବାସଗୃହ ସମେତ ଏକ ବଜାର ଓ ସଡକ ନିର୍ମାଣ କରାଗଲା। ଓଡ଼ିଶା ରାଜ୍ୟ ବନ୍ଦର ମୁଖ୍ୟ କାର୍ଯ୍ୟାଳୟ, ପୋର୍ଟ ଏଣ୍ଡ ଇନ୍‌ଲାଣ୍ଡ ୱାଟର ଟ୍ରାନ୍ସପୋର୍ଟ ଅଫିସ୍, ସେଣ୍ଟ୍ରାଲ ଏକ୍ସାଇଜ ଅଫିସ୍ ଚାନ୍ଦବାଲିରେ ସ୍ଥାପିତ ହେଲା। ଭିତ୍ତିଭୂମିର ବିକାଶ ପରେ ୧୮୮୧ ମସିହା ମାର୍ଚ୍ଚ ୨୮ ତାରିଖରେ ଇଂରେଜ ସରକାର ଚାନ୍ଦବାଲି ବନ୍ଦରକୁ ସରକାରୀ ସ୍ୱୀକୃତି ଦେଇଥିଲେ। ଏହାର ଅନ୍ୟନାମ 'ରେଭେନ୍ସା ପୋର୍ଟ'।

## ବାଣିଜ୍ୟେ ବସତି ଲକ୍ଷ୍ମୀ-

ଜାଭା, ସୁମାତ୍ରା, ବୋର୍ଣ୍ଣିଓ, ବାଲି ପ୍ରମୁଖ ଇଣ୍ଡୋନେସିଆର ଦ୍ୱୀପପୁଞ୍ଜ ଏବଂ ଥାଇଲାଣ୍ଡ, ଶ୍ରୀଲଙ୍କା, କାମ୍ବୋଡିଆ, ବର୍ମା, ମରିସସ୍, ତାଞ୍ଜାନିଆ ସମେତ ଭାରତର କଲିକତା, ବମ୍ବେ, କଚ୍ଛ, କାଲିକଟ, କୋଚିନ୍, ବିଶାଖାପାଟଣା, କରମଣ୍ଡଳ ପରି ବିଭିନ୍ନ ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳ ସହିତ ଚାନ୍ଦବାଲି ବନ୍ଦରର ବାଣିଜ୍ୟିକ ସମ୍ପର୍କ ଥିଲା। ଲୁଣ, ସୂତାଦ୍ରବ୍ୟ, ଲୁଗା, ଅଖା, ଧୂଆଁପତ୍ର, ଲଙ୍କା, ମସଲା, ଗୁଆ, ମନୋହରି ଦ୍ରବ୍ୟ, କିରୋସିନି, ମୋଟର ତେଲ, ଡିଜେଲ୍, ପେଟ୍ରୋଲ ଆଦି ଉଭୟ କଠିନ ଓ ତରଳ ପଣ୍ୟଦ୍ରବ୍ୟ ଆମଦାନୀ ହେଉଥିଲା। ରପ୍ତାନୀ ଦ୍ରବ୍ୟ ମଧ୍ୟରେ ଧାନ, ଚାଉଳ, ଚୁଡା, ଝୋଟ, ଝୋଟ ବ୍ୟାଗ, ତୈଳବୀଜ, ମୁଗ, ବିରି, ଶୁଖୁଆ, ଜଂଗଲଜାତ, ପାଟମଠା, କାଠ ସରଞ୍ଜାମ, ଚମଡା ପ୍ରଧାନ। ବାର୍ଷିକ ୧୫୦ରୁ ୨୦୦ ପର୍ଯ୍ୟନ୍ତ ଜାହାଜ ବନ୍ଦରରେ ଲାଗୁଥିଲା।

## ଜାହାଜ କମ୍ପାନୀଙ୍କ ପ୍ରତିଦ୍ୱନ୍ଦ୍ୱିତା-

୧୮୭୩ରୁ ୧୯୧୯ ପର୍ଯ୍ୟନ୍ତ ବ୍ରିଟିଶ ଇଣ୍ଡିଆ ଷ୍ଟିମ୍ ନେଭିଗେସନ୍ କମ୍ପାନୀ ଲିମିଟେଡ୍, ୧୮୮୧ରୁ ୧୯୨୮ ପର୍ଯ୍ୟନ୍ତ ଇଣ୍ଡିଆନ ଜେନେରାଲ ଷ୍ଟିମ୍ ନେଭିଗେସନ୍ ଏଣ୍ଡ ରେଲୱେ କମ୍ପାନୀ, ୧୮୮୭ରୁ ୧୮୯୩ ପର୍ଯ୍ୟନ୍ତ ବ୍ରିଟିଶ ଇଣ୍ଡିଆ ଷ୍ଟିମ୍ ନେଭିଗେସନ୍ କମ୍ପାନୀ, ବେଙ୍ଗଲ ଓଡିଶା ଟ୍ରେଡିଂ କମ୍ପାନୀ, ଫେଡରିକ୍ ଗେବେଲ କମ୍ପାନୀ କଲିକତା, ଚାନ୍ଦବାଲି ଷ୍ଟିମ୍‌ସିପ୍ କମ୍ପାନୀ, କ୍ୟାରୀ ଡାନିଏଲ୍ ଏଣ୍ଡ କମ୍ପାନୀ ଓଡିଶା, ହିନ୍ଦୁସ୍ଥାନ ସିଫି କମ୍ପାନୀ କଲିକତା, କଲିକତା ଷ୍ଟିମର ସର୍ଭିସ, ଇସ୍ମାଇଲ ମହମ୍ମଦ ବ୍ରଦର୍ସ ବମ୍ବେ, ରଘୁନାଥ ରାୟ ହରଗୋବିନ୍ଦ ଚାନ୍ଦବାଲି ପରି କମ୍ପାନୀର ସ୍ୱତନ୍ତ୍ର ଭାବରେ ମାଲ ଓ ଯାତ୍ରୀ ପରିବହନ କ୍ଷମତା ବିଶିଷ୍ଟ ଜାହାଜମାନ ବନ୍ଦରକୁ ଚଳାଚଳ କରୁଥିଲେ।



## ବୋଇତ ରାଣୀ ବୈତରଣୀ-

ଚାନ୍ଦବାଲି ବନ୍ଦରକୁ ଯାତାୟତ କରୁଥିବା ଜାହାଜ ଗୁଡିକ ମଧ୍ୟରେ କର୍ଣ୍ଣ, ଯାତ୍ରା, ଭଦ୍ରା, ପ୍ରସ୍‌ପରସ୍, ଓଡିଆ, ଅମରଚାନ୍ଦ, ରାଧାଗୋବିନ୍ଦ, ସୀତାକୁଣ୍ଡ, ରାମମୂର୍ତ୍ତି, ମହାବିଷ୍ଣୁ, ଶ୍ରୀ ଧନଲକ୍ଷ୍ମୀ, ବୀରଲକ୍ଷ୍ମୀ, ଭାଗ୍ୟଲକ୍ଷ୍ମୀ, ପଦ୍ମା, ଚାନ୍ଦବାଲି, ମହାବୀର ପ୍ରସାଦ, ସୟଦ୍, ମେଭିସ୍, ଗଙ୍ଗାସାଗର ପ୍ରସାଦ, ଗଙ୍ଗାସାଗର ପଦ୍ମରୁଦ୍, ସାଗର ମେରୀ ସାହେବ, ଧାମରା, ସନ୍ଦୀପ୍, ସେଲ୍‌ମା, କାମ୍ପେ ପ୍ରିନ୍ସ, କେ.ଏମ. ବିଶାଳାକ୍ଷୀ, ବୈତରଣୀ, ରାମରାଜା, ସରୋଜିନୀ, ନୀଳାମ୍ବୁ ଓ ସାବିତ୍ରୀ ପ୍ରମୁଖ। ଚାନ୍ଦବାଲି ବନ୍ଦରକୁ ଆସିଥିବା ସର୍ବାଧିକ ମାଲ ପରିବହନ କ୍ଷମତା ବିଶିଷ୍ଟ ଜାହାଜ ଥିଲା 'ସରୋଜିନୀ' (୫୭୧ଟନ୍)। କଲିକତାର ଇଣ୍ଡିଆ ଜେନେରାଲ ନେଭିଗେସନ ଏଣ୍ଡ ରେଲୱେ କମ୍ପାନୀର କର୍ଣ୍ଣ ଜାହାଜ ୧୯୧୧-୧୨ ମସିହାରେ ସର୍ବୋଚ୍ଚ ୯୭ଥର କଲିକତାରୁ ଚାନ୍ଦବାଲିକୁ ଆସିଛି। ଚାନ୍ଦବାଲି ବନ୍ଦରରେ ଲାଗିଥିବା ଶେଷ ଜାହାଜ ଥିଲା 'ନୀଳାମ୍ବୁ'।

## ବନ୍ଦର ଆକାଶେ ସନ୍ଧ୍ୟା-

ଚାନ୍ଦବାଲି ବନ୍ଦର ଅଧୋଗତିର ଅନେକ କାରଣ ଥିଲା। ୧୮୯୫-୯୬ ମସିହାରେ ବେଙ୍ଗଲ ନାଗପୁର ରେଲୱେ କମ୍ପାନୀ (ବି. ଏନ. ଆର.) ଦ୍ୱାରା ଓଡିଶାର ରେଳପଥ ବିକାଶ ହେଲା। ୧୮୯୯ ମସିହା ଅକ୍ଟୋବର ମାସରେ ଭଦ୍ରକ ପର୍ଯ୍ୟନ୍ତ ରେଳ ଚଳାଚଳ କଲା। ବ୍ୟବସାୟୀମାନେ ଜାହାଜ ଅପେକ୍ଷା ରେଳରେ ମାଲ୍ ପରିବହନକୁ ପସନ୍ଦ କଲେ। ୧୯୩୯-୪୫ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଚାନ୍ଦବାଲି ବନ୍ଦରକୁ ଯାତାୟତ କରୁଥିବା ଜାହାଜଗୁଡିକୁ ନେଇ ଇଂରେଜ ସରକାର ଯୁଦ୍ଧକାର୍ଯ୍ୟରେ ଅନ୍ୟତ୍ର ନିୟୋଜନ କଲେ ଓ ୧୯୪୧ରୁ ୧୯୪୬ ପର୍ଯ୍ୟନ୍ତ ଚାନ୍ଦବାଲି ବନ୍ଦରକୁ ଜାହାଜ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଲା। ଫଳରେ କୁଆଁରିଆ ନଦୀର ପଟୁମାଟି ଜମାହୋଇ ମୁହାଣ ପୋତି ପଡିଲା। ମାଲିକମାନେ ଚାନ୍ଦବାଲି ବନ୍ଦରକୁ ଜାହାଜ ପଠାଇବାକୁ ନିରାପଦ ମଣିଲେ ନାହିଁ। ୧୯୪୩-୪୪ ମସିହାରେ ଭଦ୍ରକ-ଚାନ୍ଦବାଲି ପକ୍କା ସଡକ ନିର୍ମାଣ ହେଲା। ଧାନ ମିଲ୍‌ର ମାଲିକମାନେ ଜଳପଥରେ ଜାହାଜରେ ଚାଉଳ ପଠାଇବା ଅପେକ୍ଷା ନିଜ ଟ୍ରକରେ ଭଦ୍ରକ ରେଳ ଷ୍ଟେସନକୁ ଚାଉଳ ପଠାଇଲେ। ଜଳପଥ ଅପେକ୍ଷା ରେଳଗାଡିରେ ମାଲ ପରିବହନ ଅଧିକ ନିରାପଦ ଓ ଶସ୍ତା ଥିଲା। ୧୯୪୩-୪୪ ମସିହାରେ ସରକାର ଖାଦ୍ୟଶସ୍ୟ ଉପରେ ନିୟନ୍ତ୍ରଣ ଜାରି କରିବାରୁ ଚାନ୍ଦବାଲି ବନ୍ଦରରୁ ଅନ୍ୟତ୍ର ଧାନ ଚାଉଳ ପଠାଗଲା ନାହିଁ। ବାରମ୍ବାର ବନ୍ୟାବାତ୍ୟା ଓ ମରୁଡି ଭଳି ପ୍ରାକୃତିକ ବିପର୍ଯ୍ୟୟ କାରଣରୁ ସ୍ଥାନୀୟ ଅଞ୍ଚଳର ମୁଖ୍ୟ ଫସଲ ଧାନଚାଷ କ୍ଷତିଗ୍ରସ୍ତ ହେଲା। ବନ୍ଦରର ମୁଖ୍ୟ ରପ୍ତାନୀ ଦ୍ରବ୍ୟ ଧାନ ସଂଗ୍ରହ ବାଧାପ୍ରାପ୍ତ ହେଲା।

ବନ୍ଦର ବନ୍ଦ ହେବାପରେ ନଙ୍ଗର, ବୟାଁ, ଶିକୁଳି, ତୋପ ଏବେ ମଧ୍ୟ ଚାନ୍ଦବାଲିର ବିଭିନ୍ନ ସ୍ଥାନରେ ପଡି ରହିଛି। ଚାନ୍ଦବାଲି ବନ୍ଦର ଉଭୟ ଯାତ୍ରୀ ଓ ମାଲ ପରିବହନ କ୍ଷେତ୍ରରେ ଅଗ୍ରଣୀ ଥିଲା। କାରବାର ବନ୍ଦ ହେଲେ ମଧ୍ୟ ସରକାରୀ ନଥିପତ୍ରରେ ଚାନ୍ଦବାଲି ବନ୍ଦର ରହିଛି। ଏବେ ଲଘୁଚାପ ହେଲେ ମନେପଡେ ଚାନ୍ଦବାଲି ବନ୍ଦର କଥା। ବନ୍ଦର କିମ୍ବା ଜାହାଜ ନଥିଲେ ମଧ୍ୟ ପ୍ରତି ଝଡରେ ଚାନ୍ଦବାଲି (ଚାନ୍ଦବାଲି ବନ୍ଦରଗାହ) ପାଇଁ ପାଣିପାଗ ବିଭାଗ ପକ୍ଷରୁ ରହୁଛି କିଛି ସତର୍କ ସୂଚନା।

ଅଧ୍ୟକ୍ଷ ମା' ରାଣୀ ଆ.ଟି.ଆଇ. ମତୋ
ମୋ-୯୪୩୭୭୨୭୫୨୧

ମନୋରଞ୍ଜନ

# ଭିନ୍ନ ସ୍ୱାଦକୁ ନେଇ ଆସିଲା 'ଆଫା'





ଏକ ସାଧାରଣ ପରିବାରର ଅସାଧାରଣ କାହାଣୀକୁ ନେଇ ବଡ଼ ପରଦାକୁ ଆସିଲା ନୂଆ ଓଡ଼ିଆ ଚଳଚ୍ଚିତ୍ର ଆଫା - ଲାଇଫ୍ ଆଫ୍ଟର୍ ଲାଇଫ୍। ଏପ୍ରିଲ୍ ୩ ତାରିଖରେ ରାଜ୍ୟର ବିଭିନ୍ନ ପ୍ରେକ୍ଷାଳୟରେ ମୁକ୍ତିଲାଭ ପରେ ସମସ୍ତଙ୍କ ମନକୁ ଛୁଇଁ ସାରିଛି। ବାପା, ମା', ଜେଜେବାପା ଓ ଝିଅକୁ ନେଇ ଗଢ଼ା ଏହି ପରିବାରର କାହାଣୀକୁ ଦେଖିଲେ ପ୍ରତ୍ୟେକ ଦର୍ଶକଙ୍କୁ ଏହା ନିଜର କାହାଣୀ ବୋଲି ମନେ ହେବ। ଜୀବନର ଏକ ଅପ୍ରତ୍ୟାଶିତ ମୋଡ଼ ଏବଂ ସମୟର ଚକ୍ରାନ୍ତକୁ ଏଥିରେ ନିଖୁଣ ଭାବେ ଚିତ୍ରଣ କରାଯାଇଛି, ଯେଉଁଥିରେ ନିଆଯାଇଥିବା ଗୋଟିଏ ନିଷ୍ପତ୍ତି ଶେଷକୁ ମଧ୍ୟ ଏକ ନୂଆ ଆରମ୍ଭରେ ପରିଣତ କରିବାର କ୍ଷମତା ରଖେ।

ଚଳଚ୍ଚିତ୍ରର ମୁଖ୍ୟ ଭୂମିକାରେ ସୁନାମଧନ୍ୟ ନିର୍ଦ୍ଦେଶକ ଅଶୋକ ପତିଙ୍କ ସୁକନ୍ୟା ଅନମୋଲ ପତି ନିଜର ଅଭିନୟ ଯାତ୍ରା ଆରମ୍ଭ କରୁଛନ୍ତି, ଯାହା ସିନେମା ଜଗତ ପାଇଁ ଏକ ବଡ଼ ଖବର। ଅନ୍ୟାନ୍ୟ ମୁଖ୍ୟ ଅଭିନୟ କରିଛନ୍ତି କୁନା ତ୍ରିପାଠୀ, ପ୍ରୀତିରାଜ ଶତପଥୀ, ନୈନା ଦାଶ, ହର ରଥ, ସିଦ୍ଧାର୍ଥ ତିୱାରୀ ଏବଂ ଶିଶୁ କଳାକାର ମିଭାନ୍ ସିଦ୍ଧାର୍ଥ ତିୱାରୀଙ୍କ ସମେତ ବହୁ ନାମୀ କଳାକାର। ପ୍ରୀତିରାଜ ଶତପଥୀ ଓ ନୈନା ଦାଶ ତିୱାରୀଙ୍କ ପ୍ରଯୋଜିତ ଏହି ଚଳଚ୍ଚିତ୍ରକୁ ପ୍ରୀତିରାଜ ଶତପଥୀଙ୍କ ନିର୍ଦ୍ଦେଶନାରେ ସହ-ନିର୍ଦ୍ଦେଶନା ଦେଇଛନ୍ତି ରାଜେଶ କୁମାର ବାରିକ ଓ କ୍ରିଷ୍ଣା। ଚଳଚ୍ଚିତ୍ରର ସଂଳାପ ରଚନା କରିଛନ୍ତି ଅଭିନେତା କୁନା ତ୍ରିପାଠୀ। ସଙ୍ଗୀତ ନିର୍ଦ୍ଦେଶକ ପ୍ରେମ ଆନନ୍ଦ ଏବଂ ଗୀତିକାର ବାପୁ ଗୋସ୍ୱାମୀ ଓ ଦିବ୍ୟ କୁମାର ସାହୁଙ୍କ ମିଳିତ ପ୍ରୟାସରେ ପ୍ରସ୍ତୁତ ଗୀତଗୁଡ଼ିକୁ ଦୀପ୍ତିରେଖା ପାଢ଼ୀ, ଅନନ୍ୟା ଶ୍ରୀତମ ନନ୍ଦ ଓ ଶଶାଙ୍କ ଶେଖର ପ୍ରମୁଖ କଣ୍ଠଦାନ କରିଛନ୍ତି। ଚଳଚ୍ଚିତ୍ରର ପ୍ରଚାର ପ୍ରସାର ଦାୟିତ୍ୱରେ ଅଛନ୍ତି ପ୍ରଣୟ ଜେଠୀ।

# ସଲ୍ଲୁଙ୍କ ପ୍ରେମରେ ନୟନତାରା !





ବଲିଉଡରେ କେତେ ନାୟିକା ସଲ୍ଲୁଙ୍କ ପ୍ରେମରେ ପଡ଼ିଥିବା କଥା ପାଠକ ଜାଣିଛନ୍ତି। କିନ୍ତୁ ଏଥର ଜଣେ ନୂଆ ନାୟିକା ପ୍ରେମରେ ପଡ଼ିଥିବା କଥା ସାରା ଦୁନିଆ ଜାଣିବ। ସଲମାନ ଖାଁ ତାଙ୍କର ପରବର୍ତ୍ତୀ ସିନେମା ସମ୍ପର୍କରେ ଘୋଷଣା କରି ପ୍ରଶଂସକମାନଙ୍କୁ ଚମକାଇ ଦେଇଛନ୍ତି। ଦକ୍ଷିଣ ଭାରତୀୟ ସିନେ ନିର୍ଦ୍ଦେଶକ ବାମସୀ ପେଡ଼ିପଲ୍ଲୀ ଏହି ସିନେମାର ନିର୍ଦ୍ଦେଶନା ଦେବା ସହ ଦିଲ୍ ରାଜୁ ଏହାର ପ୍ରଯୋଜନା କରିବେ ବୋଲି ଜଣାପଡ଼ିଛି। ଏହି ଚଳଚ୍ଚିତ୍ରରେ ଦକ୍ଷିଣ ଭାରତୀୟ ତାରକା ନୟନତାରା କେବଳ ସଲ୍ଲୁଙ୍କ ଅଭିନୟ ପ୍ରେମରେ ପଡ଼ିନାହାନ୍ତି ନାୟିକା ମଧ୍ୟ ହେବେ। ଏହି ଆକ୍ସନପୂର୍ଣ୍ଣ ଚଳଚ୍ଚିତ୍ରର ଅସ୍ଥାୟୀ ଶୀର୍ଷକ ରଖାଯାଇଛି 'ଏସ୍‌ଭିସି-୬୩'। ଏହି କାହାଣୀରେ ନୟନତାରାଙ୍କ ଚରିତ୍ରର ନିର୍ଣ୍ଣାୟକ ଭୂମିକା ରହିଛି। ଏହାର ସୁଟିଂ ଖୁବ ଶୀଘ୍ର ଆରମ୍ଭ ହେବ। ଏଥିରେ ଅନିଲ କପୁର ଓ ଅରବିନ୍ଦ ସ୍ୱାମୀଙ୍କ ପରି ଲୋକପ୍ରିୟ ଅଭିନେତା ମଧ୍ୟ ଅଭିନୟ କରିବେ ବୋଲି ଶୁଣିବାକୁ ମିଳୁଛି। ନୟନତାରା ମୂଳତଃ ତାମିଲ ଓ ତେଲୁଗୁ ଚଳଚ୍ଚିତ୍ରରେ ଅଭିନୟ କରିଆସୁଛନ୍ତି। ସେ ଜଣେ ଦୃଢ଼ ଅଭିନେତ୍ରୀ ଭାବରେ ସେ ଜଣାଶୁଣା। ଘଟଣାଚକ୍ର ଯେ, ନୟନତାରାଙ୍କ ପ୍ରଥମ ହିନ୍ଦୀ ଚଳଚ୍ଚିତ୍ର ଥିଲା ଜବାନ (୨୦୨୩)। ସେଥିରେ ସେ ଶାହରୁଖଙ୍କ ନାୟିକା ସାଜିଥିଲେ। 'ଏସ୍‌ଭିସି-୬୩' ସଲମାନଙ୍କ ସହିତ ତାଙ୍କର ପ୍ରଥମ ଏବଂ ହିନ୍ଦୀ ଭାଷାର ଦ୍ୱିତୀୟ ଚଳଚ୍ଚିତ୍ର। ୨୦୨୭ରେ ଏହାକୁ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବାର ଯୋଜନା ରଖାଯାଇଛି। ତେବେ ଆଗକୁ ନୟନତାରାଙ୍କ 'ଟକ୍ସିକ୍: ଏ ଫେରିଟେଲ୍ ଫର୍ ଗ୍ରୋନ୍-ଅପ୍ସ' ମୁକ୍ତିଲାଭ କରିବାର ଅଛି।

# ନୂଆ ରୂପରେ ରାମାୟଣ

ରାମାୟଣକୁ ନେଇ ନୂଆ ଏକ ଚଳଚ୍ଚିତ୍ରର ପରିକଳ୍ପନା କରାଯାଇଛି। ନିତେଶ ତ୍ୱିୱାରୀଙ୍କ 'ରାମାୟଣ' ଚଳଚ୍ଚିତ୍ରର ପ୍ରଥମ ଭାଗ ଏ ବର୍ଷ ଦୀପାବଳିରେ ମୁକ୍ତିଲାଭ କରିବ। ଏହାକୁ ନେଇ ଅନେକଙ୍କ ମନରେ ପ୍ରଶ୍ନବାଚୀ ମଧ୍ୟ ସୃଷ୍ଟି ହୋଇଛି। ନିକଟରେ ଏକ ଟିଜର୍ ରିଲିଜ୍ ହୋଇଛି, ଯେଉଁଥିରେ ରାମ ଭୂମିକାରେ ରଣବୀର କପୁରଙ୍କ ଅଭିନୟ ରହିଛି। ଏହି ଟିଜରରେ କୌଣସି ସଂଳାପ ନାହିଁ କିନ୍ତୁ ଭାରତର ଏହି ସୁପରିଚିତ କାହାଣୀର କେତେକ ଘଟଣାକୁ ଏଥିରେ ପ୍ରଦର୍ଶନ କରାଯାଇଛି। ଅଭିନେତା ବିନ୍ଦୁ ଦାରା ସିଂହ 'ରାମାୟଣ' ସିନେମାର ଟିଜରକୁ ନେଇ ପ୍ରତିକ୍ରିୟା ଦେଇଛନ୍ତି। ଯିଏକି ବିନ୍ଦୁଙ୍କ ବାପା ରାମାନନ୍ଦ ସାଗରଙ୍କ ରାମାୟଣରେ ହନୁମାନ ଭୂମିକାରେ ଅଭିନୟ କରିଥିଲେ। ରଣବୀର କପୁରଙ୍କ ବ୍ୟତୀତ ଏଥିରେ ସାଇ ପଲ୍ଲବୀ, ସନ୍ନି ଦେଓଲ, ରବି ଦୁବେ, ଯଶ ପ୍ରମୁଖ ଅଭିନୟ କରିଛନ୍ତି।



# ୱାର୍ଲ୍ଡ ପ୍ରିମିୟର 'ଲାଗେ ପ୍ରେମ ନଜର'




ଜୀ ସାର୍ଥକ ପକ୍ଷରୁ ଦର୍ଶକଙ୍କ ପାଇଁ ଭେଟି ଦିଆଯାଉଛି ଏକ ହୃଦୟସ୍ପର୍ଶୀ ପାରିବାରିକ ଚଳଚ୍ଚିତ୍ର 'ଲାଗେ ପ୍ରେମ ନଜର'। ରବିବାର ଦିନ ଦିପହର ୨ଟା ଏବଂ ପୁନର୍ବାର ସନ୍ଧ୍ୟା ୬ଟା ୩୦ ମିନିଟରେ ଏହାର ମେଗା ୱାର୍ଲ୍ଡ ପ୍ରିମିୟର ହେବ। ଚଳଚ୍ଚିତ୍ରର କାହାଣୀ ଜଣେ ସଫଳ ନିର୍ଦ୍ଦେଶକ ଆକାଶ ଏବଂ ତାଙ୍କ ପତ୍ନୀ ନନ୍ଦିନୀଙ୍କ ସୁନ୍ଦର ସଂସାରକୁ ନେଇ ଗଢ଼ିଉଠିଛି। ମାତ୍ର ସନ୍ଦେହ, ଭୁଲ ବୁଝାମଣା ଏବଂ ଅପ୍ରତ୍ୟାଶିତ ଘଟଣାକ୍ରମ କିପରି ଏକ ହସଖୁସିର ସଂସାରକୁ ଛିନ୍ନଭିନ୍ କରିଦିଏ, ତାହା ଏଥିରେ ଦର୍ଶାଯାଇଛି। ସେମାନଙ୍କର ନିଃସ୍ୱାର୍ଥପର ବଳିଦାନ ଏବଂ ନନ୍ଦିନୀ-ଆକାଶଙ୍କ ପୁନର୍ମିଳନ ମଧ୍ୟରେ ଥିବା ସଂଘର୍ଷ ଦର୍ଶକଙ୍କୁ ଶେଷ ପର୍ଯ୍ୟନ୍ତ ବାନ୍ଧି ରଖିବ। ପ୍ରେମ, ପ୍ରତାରଣା ଏବଂ ପରିଶେଷରେ କୃତଜ୍ଞତାର ଏକ ନିଆରା ସମନ୍ୱୟ ହେଉଛି 'ଲାଗେ ପ୍ରେମ ନଜର'। ବିକାଶ ପଣ୍ଡାଙ୍କ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ରରେ ଓଲିଉଡ଼ର ଲୋକପ୍ରିୟ ଅଭିନେତା ଅମ୍ଲାନ୍, ଅଭିନେତ୍ରୀ ପ୍ରିୟା ଚୌଧୁରୀ, ରିୟା ଦେ, ରାଗିଣୀ ସୁତ୍ରଧର ଏବଂ ବିଶେଷ ଭୂମିକାରେ ରାକେଶ ଦେଓ ନଜର ଆସିବେ। ପୂର୍ବରୁ ଓଡ଼ିଶାର ବିଭିନ୍ନ ପ୍ରେକ୍ଷାଳୟରେ ଦର୍ଶକଙ୍କ ମନ ଜିତିଥିବା ଚଳଚ୍ଚିତ୍ରକୁ ଛୋଟ ପରଦାରେ ପ୍ରଥମଥର ପାଇଁ ଦେଖିବେ ଜୀ ସାର୍ଥକର ସମସ୍ତ ଦର୍ଶକ।






# ଆହାନଙ୍କ 'ସୈୟାରା'

ଫିଲ୍ମମେକର୍ ଅଲି ଅବ୍ବାସ ଜଫର ଅଲି ଅବ୍ବାସ ଜଫର ଇନଷ୍ଟାଗ୍ରାମ୍ ପୋଷ୍ଟରେ ଏକ ଫଟୋ ସେୟାର କରିଛନ୍ତି। ଏଥିରେ ଆହାନ ପାଣ୍ଡେଙ୍କ ଗମ୍ଭୀର ଆଖି ଓ ଏକ କ୍ଲାପବୋର୍ଡ ଦେଖିବାକୁ ମିଳିଛି। ଏହି ଫିଲ୍ମର ସୁଟିଂ ଆରମ୍ଭ କରିଛନ୍ତି। ଯଶରାଜ ଫିଲ୍ମସ ବ୍ୟାନର୍ ଅଧୀନରେ ନିର୍ମାଣାଧୀନ ଏହି ଫିଲ୍ମର ଶୀର୍ଷକ ଘୋଷଣା ହୋଇନାହିଁ। ଏଥିରେ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି 'ସୈୟାରା' ଫେମ୍ ଆହାନ ପାଣ୍ଡେ। ଏଥିରେ ଆହାନ ପାଣ୍ଡେଙ୍କ ଗମ୍ଭୀର ଆଖି ଓ ଏକ କ୍ଲାପବୋର୍ଡ ଦେଖିବାକୁ ମିଳିଛି। ଏହା ଫିଲ୍ମରେ ତାଙ୍କ ଚରିତ୍ରର ପ୍ରଥମ ଝଲକ। ଏଥିରେ ଆକ୍ସନ୍ ଓ ରୋମାନ୍ସର ତଡ଼କା ରହିବ। ଆହାନଙ୍କ ସହ ଶର୍ବରୀ ୱାଘ, ଐଶ୍ୱର୍ଯ୍ୟ ଠାକରେ ଓ ବବି ଦେଓଲ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରିଛନ୍ତି। ଏହା ଆଦିତ୍ୟ ଚୋପ୍ରା ଓ ଅଲି ଅବ୍ବାସ ଜଫରଙ୍କ ୫ମ ଫିଲ୍ମ। ଏହା ପୂର୍ବରୁ ଉଭୟ 'ମେରେ ବ୍ରଦର୍ କି ଦୁଲହନ୍', 'ଗୁଣ୍ଡେ', 'ସୁଲତାନ' ଓ 'ଟାଇଗର ଜିନ୍ଦା ହୈ'ରେ କାମ କରିଥିଲେ। ଅନ୍ୟପକ୍ଷେ, 'ମୁଞ୍ଜ୍ୟା' ଭଳି ୧୦୦ କୋଟି ଆୟ କରିଥିବା ଫିଲ୍ମର ଅଭିନେତ୍ରୀ ଶର୍ବରୀ ମଧ୍ୟ ଏଥିରେ ସ୍କ୍ରିନ୍ ସେୟାର କରୁଛନ୍ତି। ଉଭୟ କଳାକାର ନିଜ ନିଜ ଅଭିନୟ ଦମ୍ଭରେ ଦର୍ଶକଙ୍କୁ ସିନେମାଘରକୁ ଟାଣିବାରେ ସଫଳ ହୋଇଛନ୍ତି। ସେଥିପାଇଁ ଫିଲ୍ମ ନିର୍ମାତା ଉଭୟଙ୍କ ଉପରେ ଭରସା କରିଛନ୍ତି। ଏହି ଫିଲ୍ମ ସେମାନଙ୍କ କ୍ୟାରିୟରରେ ମାଇଲଖୁଣ୍ଟ ହୋଇ ରହିବ ବୋଲି ମଧ୍ୟ ସ୍ୱୀକାର କରିଛନ୍ତି।



# ଲର୍ନିଂ ଆଣ୍ଡ ଗେମିଂ

ଡକ୍ଟର ସୁରେଶ କୁମାର ନାୟକ



ବର୍ତ୍ତମାନର ଶିକ୍ଷା ପଦ୍ଧତିରେ ଟେକ୍ନୋଲୋଜି ବିଶେଷକରି ଗେମିଂରେ ବହୁତ ପରିବର୍ତ୍ତନ ଦେଖିବାକୁ ମିଳୁଛି। ଆଜିର ବିଦ୍ୟାର୍ଥୀମାନେ ଅଧିକ ଜ୍ଞାନ ଆହରଣ କରିବା ପାଇଁ ସେମାନଙ୍କ ପାଠପଢ଼ା ନିମିତ୍ତ ନୂଆ ନୂଆ କୌଶଳ ପରିବର୍ତ୍ତନ କରୁଛନ୍ତି। ସେ ସମ୍ପର୍କରେ ଆଜିର ଆଲୋଚନା।

**ଟେକ୍ନୋଫ୍ରେଣ୍ଡଲି ଶିକ୍ଷା :** ବର୍ତ୍ତମାନ କ୍ଲାସ-୩ରୁ ସବୁ ସ୍କୁଲରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଏଆଇ ଏବଂ କମ୍ପ୍ୟୁଟେସନାଲ ଥିଙ୍କିଙ୍ଗ୍‌କୁ ପାଠ୍ୟକ୍ରମରେ ସାମିଲ କରାଯାଇଛି। ଏଆଇ ଆଧାରିତ ଏହି ପ୍ଲାଟଫର୍ମ ଆଗକୁ ବିସ୍ତାରିତ ହେବ, ଯାହା ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ଶିଖିବାର ଶୈଳୀର ପରିବର୍ତ୍ତନ ଘଟିବ। ଫଳରେ ପିଲାମାନେ ସଜରେ ପାଠକୁ ଗ୍ରହଣ କରିପାରିବେ। ଏହାଦ୍ୱାରା ପିଲାମାନେ ବହି ପାଠ ବଦଳରେ ୫-୧୦ ମିନିଟର ଭିଡ଼ିଓ ଏବଂ କୁଇଜ ମାଧ୍ୟମରେ ପାଠକୁ ସହଜରେ ବୁଝିପାରିବେ।

**ମଜାଦାର ହେବ ଲର୍ନିଂ ଏକ୍ସପେରିଏନ୍ସ :** ଯେଉଁ ଗତିରେ ଏଆଇ ସାଇନ୍ସ ଆଣ୍ଡ ଟେକ୍ନୋଲୋଜିର ବିକାଶ ହେଉଛି ଆଗାମୀ ଭବିଷ୍ୟତରେ ପିଲାଙ୍କ ପାଇଁ ଲର୍ନିଂ ଏକ୍ସପେରିଏନ୍ସ ବହୁତ ମଜାଦାର ହୋଇପାରେ। ଏହାଦ୍ୱାରା ପିଲାଙ୍କର ସ୍କୁଲ ବ୍ୟାଗରେ ବହିର ବୋଝ କମ ହେବ। କାହିଁକି ନା ଅଲଗା ଅଲଗା ବହିରେ ଥିବା ସବୁ ବିଷୟବସ୍ତୁକୁ ପିଲାମାନେ ଡିଜିଟାଲ ମାଧ୍ୟମରେ



ପାଇପାରିବେ। ଆଧୁନିକ ଜ୍ଞାନକୌଶଳ ପ୍ରୟୋଗ ଦ୍ୱାରା ଖୁବ ସହଜରେ ଲ୍ୟାବ୍‌ରେ କେମେଷ୍ଟ୍ରି ଏବଂ ଫିଜିକ୍ସର ଏକ୍ସପେରିମେଣ୍ଟ କରିପାରିବ। ଏସବୁ ଜାଣିଲା ପରେ ପିଲାଙ୍କ ମନରେ ଡିଜିଟାଲ ପାଠପ୍ରତି ଆଗ୍ରହ ବୃଦ୍ଧି ପାଇବ। ତେଣୁ ଆଗାମୀ ପିଢ଼ିର ପିଲାଙ୍କ ପାଇଁ ସ୍ମାର୍ଟ କ୍ଲାସ ହେବାକୁ ଯାଉଛି ଏଥିରେ ସନ୍ଦେହ ନାହିଁ।

**ସାଇନ୍ସ ଆଣ୍ଡ ଟେକ୍ନୋଲୋଜିର ନୂଆ ପରୀକ୍ଷା :** ବିଶେଷ ଭାବରେ, ସାଇନ୍ସ, ଟେକ୍ନୋଲୋଜି, ଇଞ୍ଜିନିୟରିଂ ଏବଂ ମ୍ୟାଥମେଟିକ୍ସର କିଟ୍ସ ରହିଛି। ଏହି କିଟ୍ ତୁମକୁ ବିଜ୍ଞାନ, ଇଞ୍ଜିନିୟରିଂ ଏବଂ ମ୍ୟାଥର କନସେପ୍ଟକୁ ମଜାଦାର ଉପାୟରେ ଶିଖିବାରେ ସହାୟତା କରିବ। ଏହାଦ୍ୱାରା ଭବିଷ୍ୟତରେ ଏସ୍‌ଟିଇଏମ୍ କିଟ୍ କେତେକ ଅପଡେଟ୍ ନୂଆ ଏବଂ ଅପଡ଼େଟ୍ରେଡ୍ ଭର୍ସନ ତୁମ ପାଇଁ ସହଜରେ ଉପଲବ୍ଧ ହେବ। ଏହି କିଟସ୍‌ର ସହାୟତାରେ ତୁମେ ଘରେ ରହି ସୌର ଶକ୍ତି ଦ୍ୱାରା ଚାଲୁଥିବା କାର, ରୋବୋଟିକ ହ୍ୟାଣ୍ଡ କିମ୍ବା ମିନି ସର୍କିଟ ଆଦି ବହୁତ କିଛି ଜିନିଷ ସହଜରେ ତୁମେମାନେ ତିଆରି କରିପାରିବ।

**ବଢ଼ିବ ପାଠପଢ଼ା ପ୍ରତି ଆଗ୍ରହ :** ଆଗାମୀ ସମୟରେ ତୁମ ଇମାନଙ୍କର ସ୍କୁଲ ପ୍ରୋଜେକ୍ଟ ଆଦି ସହଜରେ କରିହେବ। ତା ସହ ସ୍କୁଲ ପିଲାଙ୍କ ପାଇଁ ଗେମିଂ ପ୍ଲାଟଫର୍ମ ଉପଲବ୍ଧ ହେବ। ଗଣିତ ଏବଂ ବିଜ୍ଞାନ ଭଳି ଜଟିଳ ବିଷୟକୁ ବୁଝିବା ଲାଗି ଇଣ୍ଟରାକ୍ଟିଭ କୁଇଜ ଏବଂ ଭିଜୁଆଲ ଷ୍ଟୋରୀ ଟେଲିଂ ଆଦିର ଉପଯୋଗ କରିହେବ। ଏମିତିରେ ଆହୁରି କେତେକ ନୂଆ ପ୍ଲାଟଫର୍ମ ରହିଛି ଯାହା ଭବିଷ୍ୟତରେ ପିଲାଙ୍କ ପାଇଁ ଉପଲବ୍ଧ ହେବ। ଏହାଦ୍ୱାରା ପିଲାଙ୍କର ପାଠ ପଢ଼ା ପ୍ରତି ଆଗ୍ରହ ଆହୁରି ବଢ଼ିବ।

**ଏଣ୍ଟରଟେନମେଣ୍ଟର ଆମେଜିଂ ଏକ୍ସପେରିଏନ୍ସ :** ଭାବ ତ ତୁମକୁ ଯଦି ତୁମ କାର୍ଟୁନ କ୍ୟାରେକ୍ଟର ପାଖରେ ନିଜକୁ ଆକ୍ଟିଂ କରିବାର ସୁଯୋଗ ମିଳେ, ତେବେ କେତେ ମଜା ଆସିବ ନୁହେଁ। ଆଗାମୀ ସମୟରେ ଏପରି ହେବାକୁ ଯାଉଛି। ଅର୍ଥାତ୍ କାର୍ଟୁନ ଫିଲ୍ମ ଦେଖିବା ଦ୍ୱାରା ତୁମର ଏକ୍ସପେରିଏନ୍ସ ସମ୍ପୂର୍ଣ୍ଣ ରୂପେ ବଦଳିଯାଇପାରେ। ଭର୍ଚୁଆଲ କାହାଣୀରେ ବାଛିପାର ଯେ ପସନ୍ଦ ଅନୁଯାୟୀ ସୁପରହିରୋ କିମ୍ବା କାର୍ଟୁନ କ୍ୟାରେକ୍ଟର ଆଗକୁ କ'ଣ କରିପାରିବେ। ଯେପରି ତୁମର କମାଣ୍ଡ ଦ୍ୱାରା ସେ ବାଘ ସହ ଲଢୁଥିବ, ଶତ୍ରୁଙ୍କ ସହ ଫାଇଟ୍ କରିବ ଏବଂ ତୁମେ ଯଦି ଚାହିଁବ ସେମାନଙ୍କ ସହ ଫ୍ରେଣ୍ଡସିପ୍ ମଧ କରିପାରିବ। ଏପରି ମେଟାଭର୍ସ ଥିମ୍ ପାର୍କ ଆସିବ, ଯେଉଁଥିରେ ତୁମେ ଚଷମା ଲଗାଇ ଡିଜିନିଲ୍ୟାଣ୍ଡରେ ପହଞ୍ଚିଗଲା ପରି ମନେ ହେବ। ମିକି ମାଉସ ସହ ହାତ ମିଳାଇ ପାରିବ ଏବଂ ତା ସହ ଖୁଲାରେ ଝୁଲିପାରିବାର ଅନୁଭବ କରିପାରିବ।

**ଅଧ୍ୟକ୍ଷ, ଏସେଲ୍ସ ପବ୍ଲିକ ସ୍କୁଲ, ସିଡିଏ, କଟକ,**
**ଦୂରଭାଷ : ୯୪୩୭୨୨୫୫୯୨**




## ଜ୍ଞାନ ବିଜ୍ଞାନ

# ଜୀବକୋଷରେ ଜଳ ପରିବହନ ନିୟନ୍ତ୍ରକ



ଅଗ୍ରି ପିଟର ୨୦୦୩ ମସିହାରେ ରୋଡ୍ରିକ୍ ମ୍ୟାକ କିନନଙ୍କ ସହିତ ମିଳିତ ଭାବେ ନୋବେଲ ପୁରସ୍କାର ପାଇଥିଲେ, ସ୍ତନ୍ୟପାୟୀ ପ୍ରାଣୀ, ଉଦ୍ଭିଦ ଓ ବୀଜାଣୁରେ ପୃଷ୍ଟିସାର ପ୍ରବାହିତ ହେଉଥିବା ଜଳବାହୀ ପଥ ବା ଆକୁଆପୋରିଅନର ବିଶଦ କାର୍ଯ ପ୍ରଣାଳୀ ଆବିଷ୍କାର କରିଥିଲେ। ଏହି ଗବେଷଣା ଗୁଣସୂତ୍ର, ଜୈବ ରସାୟନ ଓ ଶରୀର ପ୍ରକ୍ରିୟା ବିଜ୍ଞାନ ନିମନ୍ତେ ସୁବର୍ଣ୍ଣ ଯୁଗ ଆରମ୍ଭ କରିଥିଲା, ଯକୃତ, ମାଂସପେଶୀ ଓ ଅନ୍ୟ ଅଙ୍ଗପ୍ରତ୍ୟଙ୍ଗର ଅକର୍ମଣ୍ୟ ହେବାର ସୂକ୍ଷ୍ମ କାରଣକୁ ଅଗ୍ରି ପିଟରଙ୍କ ସନ୍ଦର୍ଭ ଅନୁଶୀଳନ କରାଇବାକୁ ସହାୟକ ହୋଇଥିଲା, ଏହାକୁ ଆଧାର କରି ଜଳବାହୀ ପଥମାନଙ୍କରେ ସୃଷ୍ଟି ହେଉଥିବା ରୋଗ ପାଇଁ ପ୍ରତିକାର ଔଷଧ ବୈଜ୍ଞାନିକମାନେ ପ୍ରସ୍ତୁତ କରି ପାରିଲେ, ଆକୁଆ ପୋରିଅନ ବା ଜଳବାହି ପଥର ଆବିଷ୍କାର କାହଣୀ ଅତି ରୋମାଞ୍ଚକର। ଉଦ୍ୟୋଗୀକୁ ଈଶ୍ୱର ସଦା ସହାୟ ହୁଅନ୍ତି। ଏଠାରେ ତାହା ହିଁ ଘଟିଥିଲା। ୧୯୮୦ଦଶକର



ମଧ୍ୟ ଭାଗରେ ଅଗ୍ରୀ ପିଟର, ତାଙ୍କର ସହକର୍ମୀ ଗବେଷଣା ସହାୟିକା ବାର୍ବରା ସ୍ମିଥ୍, ଯୁବ ଗବେଷକ ଗ୍ରେଗରୀ ପ୍ରେଷ୍ଟସନ୍(ଆର ଏଚ) କିସମ ପୃଷ୍ଟିସାର ଅଣୁର ଉପାଦାନକୁ ବିଶ୍ଳେଷଣ କରୁଥଲେ। ଏହି ପ୍ରକାର ପୃଷ୍ଟିସାର ଅଣୁଗୁଡ଼ିକ ଆକାରରେ ସାଧାରଣ ତ ଅତି କ୍ଷୁଦ୍ର ହୋଇଥାନ୍ତି। ଗବେଷକମାନେ ଉପୋରକ୍ତ ଅଚିହ୍ନା ପୃଷ୍ଟିସାର ଅଣୁକୁ ଅନୁଧ୍ୟାନ କରି ଜାଣିପାରିଲେ ସେଗୁଡ଼ିକ ସର୍ବତ୍ର ବିଦ୍ୟମାନ। ଗୋଟିଏ ବର୍ଷ ମଧ୍ୟର ତା'ର ଅବିକଳ ସମଦୃଶ୍ୟ ଉଭବ ସେମାନେ ତିଆରି କରି ପାରିଲେ। ଈଶ୍ୱର ହସ୍ତକ୍ଷେପ କରିବା ପରି ନାଟକୀୟ ଭାବରେ ବେଙ୍ଗର ଡିମ୍ବକୁ ଅନୁଶୀଳନ କରିବାରୁ ସେମାନଙ୍କୁ ଆକୁଆ ପୋରିଅନ ବା ଜଳବାହି ପଥର ଗୁଢ଼ ତଥ୍ୟ ମିଳିଗଲା। ଜୀବକୋଷ ମଧ୍ୟରେ ଜଳପରି ବହନର ନିୟନ୍ତ୍ରକ ଏହି ପୃଷ୍ଟିସାର ଅଣୁର ରହସ୍ୟ ଉନ୍ମୋଚିତ ହୋଇଗଲା। ୧୯୪୯ରେ ଅଗ୍ରି ପିଟର ଆମେରିକାର ନର୍ଥ ଫିଲ୍ଡରେ ଜନ୍ମ ଗ୍ରହଣ କରିଥିଲେ। ଥିଓଡ଼ର ରୁନଭେଲ୍ଟ ଉଚ ବିଦ୍ୟାଳୟରୁ ପ୍ରାଥମିକ ଶିକ୍ଷା ହାସଲ କରିଥିଲେ। ୧୯୭୦ରେ ଅଗସ ବର୍ଗ କଲେଜରୁ ରସାୟନ ବିଜ୍ଞାନ ରେ ସ୍ନାତକ ପାଠସାରି, ଚିକିତ୍ସା ବିଜ୍ଞାନ ପାଠ ପଢ଼ିଥିଲେ। ୧୯୮୧ମସିହାରୁ ଗବେଷଣା ଆରମ୍ଭ କରିଥିଲେ। ତାଙ୍କ ଆବିଷ୍କାର ଚିକିତ୍ସା ବିଜ୍ଞାନକୁ ଆଧୁନୀକରଣ କରିବାକୁ ସହାୟକ ହୋଇପାରିଛି।

**-ସାଗରିକା ରାଉତ, ଜିଲ୍ଲା ବିଜ୍ଞାନ ପରିଦର୍ଶିକା, କଟକ**

ଦୃଷ୍ଟି

# ପ୍ରଶାସନିକ ସଂସ୍କାର ଓ ମୌଳିକ ଅଧିକାର

ବିକ୍ରମ କେଶରୀ ବିଶ୍ୱାଳ



ଆମେ ଓଡ଼ିଶାର ବିକାଶ ଆଲୋଚନା କରିବା ସମୟରେ ଅନେକ ପ୍ରଶାସନିକ ବ୍ୟବସ୍ଥା ଉପରେ ଅନେକ ପ୍ରଶ୍ନ ଉଠାନ୍ତି। କିଏ ଅଭିଯୋଗ କରେ ଯେ ପ୍ରଶାସନ ଗୋଦରା କୋଡ଼େ ଯେତେ ମାଡ଼େ ସେତେ ନ୍ୟାୟରେ ଚାଲିଛି। ଆଉ କେହି କେହି କୁହନ୍ତି ପ୍ରଶାସନ ଏକ ପ୍ରକାର ଅନ୍ଧ, ମୂକ ଓ ବଧିର। ପ୍ରଶାସନିକ ସଂସ୍କାର ଉପରେ ଅନେକ ସମୟରେ ଚର୍ଚ୍ଚା ହୁଏ। କେବଳ ଚର୍ଚ୍ଚା। ୭୫ ବର୍ଷ ଭିତରେ ସଂସ୍କାର କିଛି ଆସିନି। ଅନେକ କମିଶନ ବସିଛି, ସୁପାରିଶ ଆସିଛି, ମଞ୍ଚ ଉପରୁ ଭାଷଣ ଶୁଭିଛି, କିନ୍ତୁ କିଛି ହୁଏ ନାହିଁ। ତ୍ରୁଟିକୁ ଗ୍ରହଣ କଲେ ଓ ସ୍ୱୀକାର କଲେ, ସଂସ୍କାର ଆସେ। ଯେତେବେଳେ ସବୁ ଜାଣିଥିବା ଲୋକେ କିଛି ବଦଳିବାର ଆବଶ୍ୟକତା ନାହିଁ ବୋଲି ଭାବି ନିଅନ୍ତି, ସେତେବେଳେ ସଂସ୍କାର ଆସିବ କେମିତି ? ସଂସ୍କାରର ମୂଳ ଉଦ୍ଦେଶ୍ୟ ହେଲା - ଦକ୍ଷତା, ସ୍ୱଚ୍ଛତା ଓ ତତକ୍ଷଣାତ ପ୍ରତିବିଧାନ। ଏସବୁ ପାଇଁ ଅର୍ଥର ଆବଶ୍ୟକତା ନଥାଏ, ଥାଏ ସମ୍ବେଦନାର। କୌଣସି ନାଗରିକର ଅସୁବିଧା କ'ଣ ଅଛି ଓ ସେ ଚାହେଁ କ'ଣ - ଏହା ହିଁ ପ୍ରଶାସନର ଦାୟିତ୍ୱ। ମଣିଷ ମର୍ଯ୍ୟାଦାର ସହିତ ବଞ୍ଚିବ, ଏତିକି ତା'ର ମୌଳିକ ଅଧିକାର।

କ୍ଷମତାର ବିକେନ୍ଦ୍ରୀକରଣ, ଅର୍ଥାତ୍ ପ୍ରଶାସନର ପ୍ରତ୍ୟେକ ସ୍ତରରେ ନିଷ୍ପତ୍ତି ନେବାର ଅଧିକାର ସଂସ୍କାରର ବଡ଼ ଆବଶ୍ୟକତା। ସବୁ କଥା ଜଣେ ଜଣେ ଲୋକଙ୍କ ପାଖରେ ବା ଗୋଟିଏ ସ୍ତରରେ କେନ୍ଦ୍ରୀଭୂତ ରହିଲେ ନିଷ୍ପତ୍ତି ବିଳମ୍ବିତ ହୁଏ। ତେଣୁ ନିଷ୍ପତ୍ତି ନେବାର ଦାୟିତ୍ୱ ବିଭିନ୍ନ ସ୍ତରରେ ଆବଣ୍ଟିତ ହେବା ଉଚିତ। ପ୍ରଶାସନିକ ଓ ଆର୍ଥିକ ନିଷ୍ପତ୍ତିକୁ ମଧ୍ୟ ସରଳ କରାଯିବା ଉଚିତ। ଆଇନ, କାନୁନ, ନିୟମର ପରିବର୍ତ୍ତନ ମଧ୍ୟ ସଂସ୍କାରର ଅଂଶ। କିଛି କଠୋର ଓ ଅନମନୀୟ ଆଇନ ଏବେ ମଧ୍ୟ ବଳବତ୍ତର, ଯାହା ଅନେକ ସମୟରେ ଅର୍ଥହୀନ ମନେ ହୁଏ। ପ୍ରଶାସନର ଭିତରେ ପାରସ୍ପରିକ ବିଶ୍ୱାସ ଓ ବୁଝାମଣା ସଂସ୍କାର ପାଇଁ ଅତ୍ୟନ୍ତ ଜରୁରୀ। ବର୍ଷ ବର୍ଷ ଧରି ଲୋକଟିଏ ଛୋଟ ଛୋଟ କାମ ପାଇଁ ଦୌଡୁଥିବ, ଏହା ପ୍ରଶାସନିକ ଶିଥିଳତା ନୁହେଁ କି ? ଭାରତୀୟ ଆଇନ କହେ - ଜଣେ ସେ ପର୍ଯ୍ୟନ୍ତ ନିର୍ଦ୍ଦୋଷ, ଯେ ପର୍ଯ୍ୟନ୍ତ ସେ ଦୋଷୀ ପ୍ରମାଣିତ ହୋଇନାହିଁ। ଶହେ ଦୋଷୀ ପଛେ ଖସିଯାନ୍ତି, ଜଣେ ନିର୍ଦ୍ଦୋଷ ଦଣ୍ଡ ନ ପାଉ। ପ୍ରଶାସନରେ ଓଲଟା ଅବଧାରଣା ଥାଏ ଯେ ସମସ୍ତେ ଦୁର୍ନୀତିଗ୍ରସ୍ତ ଓ ଅଯୋଗ୍ୟ, କେବଳ କିଛି ନିର୍ଦ୍ଦିଷ୍ଟ ବ୍ୟକ୍ତି ସବୁଠାରୁ ବେଶୀ ଯୋଗ୍ୟ ଓ ପଣ୍ଡିତ। ଏହି ଧାରଣା ବି ଠିକ ହୋଇଥାନ୍ତା, ଯଦି ପ୍ରଶାସନ ଜଡ଼ ନହୋଇ କାର୍ଯ୍ୟକ୍ଷମ ହୋଇଥାନ୍ତା। ସରକାରଙ୍କ ବିରୋଧରେ ସବୁଠାରୁ ଅଧିକ ଅଦାଲତି ମକଦ୍ଦମା ହୁଏ ଓ ବର୍ଷ ବର୍ଷ ଧରି ଚାଲିଥାଏ। ନାଗରିକଙ୍କ ସପକ୍ଷରେ ନ୍ୟାୟ ଆସିଲେ ମଧ୍ୟ କାର୍ଯ୍ୟକାରୀ ହୁଏନାହିଁ।

ବୈଷୟିକ ପ୍ରଗତି ସହିତ କିଛି କଥା ଅତି ସହଜ ହୋଇଯିବା କଥା - ଯେମିତି ଜମିଜମା ମାମଲା, ଖର୍ଦ୍ଦି ବିକ୍ରି, ଆୟକର ଦାଖଲ, ରେଳ ବିମାନ ଟିକେଟ, ବିଭିନ୍ନ ଦେୟ ପ୍ରଦାନ ଅନେକ ଲୋକ ସେବା ଆଦିକୁ ସରଳ ଓ ସହଜ କରାଯାଇପାରିବ। ଏଥିପାଇଁ ଆଇନ ମଧ୍ୟ ସରଳ ହେବା ଆବଶ୍ୟକ। କଠୋର ତଥା ଅନମନୀୟ ପଦ୍ଧତି ଦ୍ୱାରା ଦୁର୍ନୀତି କମି ଯାଉଛି କି ? ବରଂ ଅଭୂତପୂର୍ବ ଭାବରେ ଦୁର୍ନୀତି କାୟା ବିସ୍ତାର କରି ଚାଲିଛି। ସବୁଠାରୁ ଅଧିକ ଦୁର୍ନୀତି ଠିକା କାମରେ। ବିଭିନ୍ନ ପ୍ରକାର ନୀତି ଓ ନିୟମ। ଯେହେତୁ ଅର୍ଥନୈତିକ ସଂସ୍କାର ନାହିଁ, ଛୋଟ ବଡ଼ ସବୁ କାମ ପାଇଁ ଟେଣ୍ଡର, ପ୍ରସ୍ତାବ ପାଇଁ ନିବେଦନ ଆସେ। ସେଥିରେ ନିର୍ଦ୍ଦିଷ୍ଟ ସଂସ୍ଥାକୁ ଅନୁଗ୍ରହ ଦେଖାଇବା ପାଇଁ ବ୍ୟବସ୍ଥା ଖଞ୍ଜାଯାଏ। ସେହି ସଂସ୍ଥା କାମର ଆଦେଶ ପାଏ। ତା'ପରେ ଭାଗ ବଣ୍ଟା ହୁଏ। ଏସବୁ ସର୍ବୋଚ୍ଚ ସ୍ତରରେ ହୁଏ, ନିମ୍ନ ଓ ମଧ୍ୟ ସ୍ତରରେ ପ୍ରାୟତଃ କିଛି ନିଷ୍ପତ୍ତି ହୁଏନାହିଁ। ପ୍ରଶାସନରେ ଓ କର୍ମନିଷ୍ଠ ସେମାନଙ୍କ ଭିତରେ ହୀନମନ୍ୟତା ସୃଷ୍ଟି ହୁଏ।

ଆମ ଜାଣିବାରେ, ୧୯୬୬ ଓ ୨୦୦୫ରେ ଭାରତ ସରକାର ଦୁଇ ଦୁଇ ଥର ପ୍ରଶାସନିକ ସଂସ୍କାର କମିଶନ ଗଠନ କରିଥିଲେ। ପ୍ରତ୍ୟେକ ରାଜ୍ୟର ସାଧାରଣ ପ୍ରଶାସନ ବିଭାଗରେ ମଧ୍ୟ ଗୋଟିଏ ଗୋଟିଏ ପ୍ରଶାସନିକ ସଂସ୍କାର କକ୍ଷ କାର୍ଯ୍ୟ କରିଥାଏ। ଏହି କାର୍ଯ୍ୟକୁ ଅଦରକାରୀ ମନେ କରାଯାଏ ଓ ଦଣ୍ଡନୀୟ ପଦବୀ ହିସାବରେ ବିବେଚନା କରାଯାଏ। ଅବଶ୍ୟ ଯଦି ସଂସ୍କାର ପାଇଁ କୌଣସି ପ୍ରସ୍ତାବ ଆସେ, ତାକୁ କେହି ଗୁରୁତ୍ୱର ସହିତ ଗ୍ରହଣ କରନ୍ତି ନାହିଁ। ଧରାଯାଉ, ଜଣେ ଗୋଟିଏ ସ୍ଥାନର ବାସିନ୍ଦା ବୋଲି ପ୍ରମାଣପତ୍ରଟିଏ ଚାହୁଁଛି। ସେଥିପାଇଁ ଆବଶ୍ୟକ କାଗଜପତ୍ର ମଧ୍ୟ ଦାଖଲ କରୁଛି। ଏକ ନିର୍ଦ୍ଦିଷ୍ଟ ସମୟ ଭିତରେ ଏହା ତାକୁ ମିଳିବାରେ ଅସୁବିଧା କ'ଣ ? ଯଦି ସେହି ସମୟ ଭିତରେ ନିର୍ଦ୍ଦିଷ୍ଟ ଅଧିକାରୀ ଏହି ପ୍ରମାଣପତ୍ର ନ ଦେଲେ, ବୈଷୟିକ ଭାବରେ ଏହା ସ୍ୱତଃ ପ୍ରମାଣିତ ହୋଇ ଉକ୍ତ ବ୍ୟକ୍ତି ପାଖରେ ପହଞ୍ଚିଯିବ। ଏଭଳି ବ୍ୟବସ୍ଥା ଯଦି ହେଉ ନାହିଁ, ତେବେ ଏହାର କାରଣ ହେଲା ଦୁର୍ନୀତି ଓ ଲୋକଙ୍କୁ ହଇରାଣ କରିବାର ମାନସିକତା। ଲୋକସେବା ଆଇନ ବି ଅଛି। କାର୍ଯ୍ୟକାରୀ ହୁଏ କି ? ଆଇନକୁ ନିଜ ହିସାବରେ ମୋଡ଼ିବା କିଛି ବ୍ୟକ୍ତିଙ୍କୁ ଭଲ ଭାବରେ ଆସେ। ଏକମାତ୍ର ଉଦ୍ଦେଶ୍ୟ ବେଆଇନ ଆହରଣ କରିବା। ଯଦି ଦୁର୍ନୀତି ରୋକିବା ଅସମ୍ଭବ, ଅନ୍ୟ ଏକ ସଂସ୍କାର ହୋଇପାରେ ଯେ ସବୁ କାର୍ଯ୍ୟର ସରକାରୀ ଓ ବେସରକାରୀ ଦର ଉଲ୍ଲେଖ ରହୁ। ଜଣେ ଦେୟ ଦେବ, କାମ ହୋଇଯିବ। ନୀତି, ନିୟମ, ଆଇନ, କାନୁନର ଦ୍ୱାହି ଦେଇ ହଇରାଣ କରିବାର ଆବଶ୍ୟକତା ନାହିଁ।



ଦୁର୍ନୀତି, ପ୍ରିୟାପ୍ରୀତି ଓ ଅନ୍ୟ ବହୁ ଭାବରେ ପ୍ରଶାସନ ସାଧାରଣ ନାଗରିକଙ୍କୁ ଶୋଷଣ କରେ। ଏକଥା ସମସ୍ତେ ଜାଣନ୍ତି। କିନ୍ତୁ ନିଷ୍ପତ୍ତି ନେଉଥିବା ଲୋକମାନେ ସଂସ୍କାର ଚାହାଁନ୍ତି ନାହିଁ। କାରଣ ରୋଜଗାର କମିଯିବ ଓ ଉତ୍ତରଦାୟିତ୍ୱ ସ୍ଥିର ହୋଇଯିବ। ତେଣୁ ସଂସ୍କାରର କଥା ସମସ୍ତେ କହନ୍ତି, କମିଶନ ବସେ, ସୁପାରିଶ ଆସେ, କିଛି ହୁଏ ନାହିଁ। ପୁଲିସର ବ୍ୟବହାରକୁ




ନେଇ କେତେ କଥା କୁହାଯାଏ, ଆଜିଯାଏଁ କିଛି ବଦଳିଛି କି ? ଅନେକ ଅପରାଧିକ ମାମଲାରେ ନ୍ୟାୟିକ କମିଶନ ବସିଛି, ସୁପାରିଶ ଆସିଛି। କିଛି ହୋଇଛି କି ? ପ୍ରଶାସନିକ ସଂସ୍କାର କେବଳ ଆକାଶ କଇଁଆ ଚିଲିକା ମାଛ ହୋଇ ରହିଯାଇଛି। ଚତୁରେ ଚତୁରେ କୋଳାକୋଳି। ଓଡ଼ିଆରେ ଏକ ଲୋକ କଥାଟି ଯୁଗ ଯୁଗ ପାଇଁ ରହିଆସିଛି - 'ମାରିନେଲେ ମହାପାତ୍ରେ, ଚାହିଁଥାରେ ଜଳକା'। ଆମେ ଏହିପରି ସଚେତନ ହୋଇ ମଧ୍ୟ ଯେତେ ଘୋ ଘା, ଗୁହାରି, ଅଭିଯୋଗ ରଖୁଥିଲେ ମଧ୍ୟ ସେ ସବୁ ଯେପରି ଯେଝା ବାଟରେ ଯେଝା।

ଯାଜପୁର ରୋଡ଼, ଯାଜପୁର,
ଦୂରଭାଷ : ୯୯୩୮୫୩୬୦୭୬

■ ସ୍ୱାସ୍ଥ୍ୟ ସ୍ୱତନ୍ତ୍ର

# ଘୁଙ୍ଗୁଡ଼ି : ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟା 'ସ୍ଲିପ ଆପ୍ନିଆ'

**ନାରାୟଣ ଚନ୍ଦ୍ର ବିଶ୍ୱାଳ**



ଆଜିର ଧାଁ ଧଉଡ଼ ଜୀବନ ଶୈଳୀ ଭିତରେ ଅନେକ ସମୟରେ ଆମ ମାନଙ୍କୁ ଏପରି ଏକ ଅବସ୍ଥାକୁ ସମ୍ମୁଖୀନ କରିବାକୁ ହୁଏ, ଯେମିତି ଶୋଇବା ସମୟରେ ଶ୍ୱାସ ଅଟକି ଯିବା। ଏହାକୁ ସ୍ଲିପ୍ ଆପ୍ନିଆ କୁହାଯାଏ। ଯାହାକି ଦୁଇ ପ୍ରକାର। ପ୍ରଥମତଃ ଅବ୍‌ଷ୍ଟ୍ରକ୍‌ଟିଭ୍ ସ୍ଲିପ ଆପ୍ନିଆ ଓ ସେଣ୍ଟ୍ରାଲ ସ୍ଲିପ ଆପ୍ନିଆ। ଅବ୍‌ଷ୍ଟ୍ରକ୍‌ଟିଭ୍ ସ୍ଲିପ ଆପ୍ନିଆ ଅଧିକ ଲୋକଙ୍କ ଠାରେ ଦେଖାଯାଏ। ଏହି ରୋଗରେ ବ୍ୟକ୍ତି ଗଳାର ମାଂଶପେଶୀ ଶ୍ୱାସନଳୀ ଉପରେ ଚାପ ପକାଇଥାଏ। ଯାହାଦ୍ୱାରା ଜଣେ ଶୋଇବା ସମୟରେ ଶ୍ୱାସ ପ୍ରଶ୍ୱାସ ନେବାରେ ସମସ୍ୟାକୁ ସମ୍ମୁଖୀନ କରିଥାଏ। ଆମ ସାଧାରଣ ଜୀବନରେ ଏକ ଧାରଣା ଅଛି ଘୁଙ୍ଗୁଡ଼ି ମାରିବା ହେଉଛି ଗଭୀର ନିଦର ଲକ୍ଷଣ। କିନ୍ତୁ ଭୁଲି ଯାଆନ୍ତୁ ନାହିଁ ଯେ ଏହା ଆମ ଭିତର ସ୍ୱାସ୍ଥ୍ୟର ଏକ ପ୍ରକାର ସତର୍କ ଘଣ୍ଟି। ଶ୍ୱାସନଳୀ ସଂକୁଚିତ ହେବା ଯୋଗୁଁ ଏହି ସମସ୍ୟା ହୋଇଥାଏ। ଯଦି ଜଣେ ରାତିରେ ଜୋରରେ ଘୁଙ୍ଗୁଡ଼ି ମାରୁଛି ତେବେ ବୁଝି ଯାଆନ୍ତୁ ଯେ ଏହା ସ୍ଲିପ ଆପ୍ନିଆର ଲକ୍ଷଣ। ତେବେ ଆମେ ସ୍ଲିପ ଆପ୍ନିଆର ଆଲୋଚନା ରଖୁଥିବାବେଳେ ଅନ୍ୟ ଏକ ଦିଗ ଉପରେ ମଧ୍ୟ ଟିକିଏ ଦୃଷ୍ଟି ଦେଉଛୁ। ମଣିଷ ଯେତେବେଳେ ବିଶ୍ରାମ ନିଏ ଦିନ ତମାମର ଶାରୀରିକ ଖଟଣି ଓ କ୍ଳାନ୍ତି ବା ଅନ୍ୟ କୌଣସି କାରଣରୁ ଶରୀରର ସ୍ୱାସ୍ଥ୍ୟର କ୍ଷୟକ୍ଷତିର ମରାମତି କାର୍ଯ୍ୟ ହୋଇଥାଏ। ଏ କ୍ଷେତ୍ରରେ ଗଭୀର ନିଦ ସୁନ୍ଦର ସ୍ୱାସ୍ଥ୍ୟ ପାଇଁ ଅତୀବ ଉପଯୋଗୀ।



ଆପଣ ଶୋଇଥିବା ସମୟରେ ଅଣନିଃଶ୍ୱାସୀ ହୋଇ କେବେ କେବେ ଆପଣଙ୍କ ନିଦ ହଠାତ୍ ଭାଙ୍ଗି ଯାଏକି ? ଏପରିକି ଏହି ସ୍ଲିପ ଆପ୍ନିଆ ସମସ୍ୟାକୁ ସମ୍ମୁଖୀନ ହେଉଥିବା ଲୋକମାନେ କିଛି ସେକେଣ୍ଡ ପାଇଁ ନିଜ ନିଶ୍ୱାସ ଅଟକି ଗଲାପରି ଅନୁଭବ କରିଥାନ୍ତି। ଯେତେବେଳେ ଶରୀରରେ ଅମ୍ଳଜାନର ଅଭାବ ହୁଏ, ହଠାତ୍ ମସ୍ତିଷ୍କ ଜାଗ୍ରତ ହୋଇପଡ଼େ ଫଳରେ ଶୋଇଥିବା ସମୟରେ ହଠାତ୍ ଅଣନିଶ୍ୱାସୀ ଲାଗିବା ସହ ନିଦ ଭାଙ୍ଗିଯାଏ। ଏହି ସମୟରେ ବ୍ୟକ୍ତି ଜଣକ ଶ୍ୱାସ ପ୍ରଶ୍ୱାସ ନେଇ ନପାରି ବଡ଼ ଅସ୍ୱସ୍ତିକର ଅବସ୍ଥାକୁ ସାମ୍ନା କରିଥାଏ। କେବଳ ସେତିକି ନୁହେଁ ଏପରି ଜଟିଳ ସ୍ଥିତି ହୃଦୟ ଉପରେ ମଧ୍ୟ ଗଭୀର ଚାପ ପକାଇଥାଏ। କେହି କେହି କୁହନ୍ତି ରାତିରେ ସାତ ଆଠଘଣ୍ଟା ଶୋଇବା ଯଥେଷ୍ଟ। ହୁଏତ ଏହା ଠିକ କିନ୍ତୁ ଜଣେ ଯଦି ସକାଳେ ସତେଜ ଅନୁଭବ ନକରୁଛି ଅର୍ଥାତ୍ ରାତିରେ ଯଦି ଠିକ ଭାବେ ନିଦ ହେଉନାହିଁ ତେବେ, ଏହି ସାତଘଣ୍ଟା ବି କିଛି ନୁହେଁ। ଏହା ଜଟିଳ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରେ। ସ୍ଲିପ ଆପ୍ନିଆରେ ବ୍ୟକ୍ତିର ନିଶ୍ୱାସ ମଝିରେ ମଝିରେ ବାରମ୍ବାର ଅଟକିବା ଯୋଗୁଁ ରାତିରେ ସେ ଠିକ ଭାବେ ଶୋଇପାରି ନଥାଏ। ତେଣୁ ସେ ବ୍ୟକ୍ତି ଜଣଙ୍କର ସେହି ଦିନଟି ଥକ୍କା ଅନୁଭବରେ ଏବଂ  କଷ୍ଟରେ ବିତିଯିବାର ସମ୍ଭାବନା ଥାଏ।



ଆମ ମାନଙ୍କ ଭିତରୁ ଅନେକ ଅଛନ୍ତି ଯେଉଁମାନେ ସକାଳୁ ଉଠିବା ସହ ମୁଣ୍ଡବିନ୍ଧା, ମୁଣ୍ଡ ଭାରି ଭାରି ଲାଗିବା ଏବଂ ମୁଣ୍ଡ ଭିତରେ କ'ଣ ହୋଇଯାଉଛି ବୋଲି ଅଭିଯୋଗ କରନ୍ତି। ସାରା ରାତି ଶରୀରକୁ ଠିକ ଭାବେ ଅମ୍ଳଜାନ ନ ମିଳିବା ଯୋଗୁଁ ଶରୀରରେ ଅମ୍ଳଜାନ ସ୍ତର କମ ରହିବା ଓ ଅଙ୍ଗାରକାମ୍ଳ ବଢ଼ିବା ଯୋଗୁଁ ଏହି ସମସ୍ୟା ସୃଷ୍ଟି ହୋଇଥାଏ। ମସ୍ତିଷ୍କକୁ ଭରପୁର ଅମ୍ଳଜାନ ନମଳିବା କାରଣରୁ ସକାଳୁ ତୀବ୍ର ବେଗରେ ମୁଣ୍ଡ ବିନ୍ଧା ହୋଇଥାଏ। ସେହିପରି ସ୍ଲିପ ଆପ୍ନିଆରେ ପୀଡ଼ିତ ବ୍ୟକ୍ତି ଜଣଙ୍କ ରାତିରେ ବାରମ୍ବାର କଡ଼ ଲେଉଟାଇବା ଯୋଗୁଁ ତାକୁ ଠିକ ଭାବେ ନିଦ ହୋଇ ନଥାଏ। ବାରମ୍ବାର ପରିସ୍ରା ଯିବା ପାଇଁ ଉଠିବା, ବିନା କାରଣରେ ହଠାତ୍ ନିଦ ଭାଙ୍ଗିଯିବା ଆଦି କାରଣରୁ ମଧ୍ୟ ଜଣେ ଶୋଇପାରି ନଥାଏ। ଯାହାଦ୍ୱାରା ସକାଳୁ ସେମାନଙ୍କୁ ସତେଜ ଅନୁଭବ ଲାଗି ନଥାଏ ବରଂ ସେମାନେ ଦିନସାରା ଚିଡ଼ଚିଡ଼ା ଅନୁଭବ କରନ୍ତି। କେବଳ ସେତିକି ନୁହେଁ ସେମାନେ ଦିନ ତମାମ ଫୂର୍ତ୍ତିର ସହିତ ସତେଜ ସକ୍ରିୟତାକୁ ଅନୁଭବ କରିପାରି ନଥାନ୍ତି। ସ୍ଲିପ ଆପ୍ନିଆ କେବଳ ନିଦର ଅଭାବ ବୋଲି ଭାବିବା ଠିକ ନୁହେଁ। ତେବେ ଏହାକୁ ସଠିକ ସମୟରେ ଚିକିତ୍ସା କଲେ ଖୁବ ଭଲ ନଚେତ୍ ଏହାର ପ୍ରଭାବ ରକ୍ତଚାପ, ଷ୍ଟ୍ରୋକ ଓ ଟାଇପ-୨ ମଧୁମେହ ପରି ସ୍ୱାସ୍ଥ୍ୟ ସମସ୍ୟାର ଆଶଙ୍କାକୁ ବଢ଼ାଇଥାଏ। ଘୁଙ୍ଗୁଡ଼ି ସମସ୍ୟା ଥିଲେ ଆପଣ ଇଏନଟି ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ। ରାତିରେ ଶୋଇବା ସମୟରେ ଆପଣଙ୍କ ନାକ ଭିତରଟି ଯେପରି ପରିଷ୍କାର ଥାଏ ସେ ଦିଗକୁ ଦେଖନ୍ତୁ। ନାକ ବନ୍ଦ ରହୁଥିଲେ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ନାକ ଡ୍ରପ ଅଥବା ଔଷଧ ନିଅନ୍ତୁ। ନିଜ ଶରୀରର ଓଜନକୁ ସନ୍ତୁଳିତ ରଖନ୍ତୁ। ଚିନ୍ତାମୁକ୍ତ ହୋଇ ଏକ ସକାରାତ୍ମକ ଧାରଣା ସହିତ ବିଛଣାକୁ ଯାଆନ୍ତୁ। ଆନନ୍ଦମୟ ଭାବେ ଆଜିର ଦିନଟିକୁ ପରିପୂର୍ଣ୍ଣ କରିଥିବାରୁ ଭଗବାନଙ୍କୁ ଓ ନିଜ ସହଯୋଗୀ ମାନଙ୍କୁ ଧନ୍ୟବାଦ ଦିଅନ୍ତୁ। ଏହା ସେତେ ବଡ଼ ସ୍ୱାସ୍ଥ୍ୟ ସମସ୍ୟା ନୁହେଁ। ଡାକ୍ତରୀ ପରାମର୍ଶ ଓ ଆପଣଙ୍କର ଦୃଢ଼ ଇଚ୍ଛାଶକ୍ତି ଦ୍ୱାରା ଏହି ସମସ୍ୟାରୁ ମୁକୁଳିପାରିବେ।

**ବାକ୍ ଶ୍ରବଣ ବିଶେଷଜ୍ଞ, 'ଧ୍ୱନୀ' କାଠଗୋଲାରୋଡ଼,**
**ମଙ୍ଗଳାବାଗ, କଟକ, ଦୂରଭାଷ : ୯୪୩୮୨୭୬୭୬୦**

ମହକ

# କଳା, ସାହିତ୍ୟ, ସେବା ଓ ସାମ୍ବାଦିକତାର ଭିନ୍ନ ସ୍ୱର ଓ ସାକ୍ଷର : ବରିଷ୍ଠ ସାମ୍ବାଦିକ ପ୍ରଦୀପ୍ତ କୁମାର ଦାସ

ଆମ ଗହଣରେ ଅନେକ ସଧାରଣ ମଣିଷ ଅଛନ୍ତି ଯେଉଁମାନେ ପରଦା ପଛରେ ରହି ଅସାଧାରଣ କାର୍ଯ୍ୟକରି ଚାଲିଛନ୍ତି। ସେହି ମହାନ୍ ବ୍ୟକ୍ତି ବିଶେଷମାନେ ଆମ ପାଇଁ ପ୍ରେରଣାର ଉତ୍ସ ଓ ଉଦହରଣୀୟ। କୁହାଯାଏ ତୁଳସୀ ଦୁଇ ପତ୍ରରୁ ବାସିଲା ପରି ମଣିଷର ପତିଭା ଥିଲେ ଏହା ସମୟ କ୍ରମେ ବିକାଶିତ ହୁଏ । ସାଧନା ଆଉ ଦୃଢ଼ ଇଛା ଶକ୍ତି ମଣିଷକୁ ଉନ୍ନତି ମାର୍ଗରେ ଅଗ୍ରସର କରିଥାଏ। ଏହିଭଳି ଜଣେ ବହୁମୁଖି ପ୍ରତିଭାରେ ଦୀପ୍ତ ମହାନ୍ ବ୍ୟକ୍ତିତ୍ୱ ଆମ ଗହଣରେ ଅଛନ୍ତି ଯେକି ଆମ ପାଇଁ ଉଦାହରଣ ପାଲଟିଛନ୍ତି। ସେ ହେଇଛନ୍ତି ପ୍ରଦୀପ୍ତ କୁମାର ଦାସ । ଏକାଧାରରେ ଜଣେ କଳାକାର, ଅଭିନେତା, ସାହିତ୍ୟିକ, ସାମ୍ବାଦିକ, ସମାଜସେବୀ ଆଉ ଦରଦୀ ମଣିଷ । ପ୍ରଦୀପ୍ତ କୁମାର ଦାସଙ୍କ ଜନ୍ମ ୧୯୬୫ ମସିହା ସବଲପୁର ଗ୍ରାମ ଆମଣ ପଞ୍ଚାୟତ କଟକ ସଦର ବ୍ଲକ କଟକ ଜିଲ୍ଲାରେ। ପିତାଙ୍କ ନାମ ମହାନ୍ ସ୍ୱାଧୀନତା ସଂଗ୍ରାମୀ ପ୍ରଫୁଲ୍ଲ ଚନ୍ଦ୍ର ଦାସ ମାତାଙ୍କ ନାମ ଧର୍ମପ୍ରାଣା ରେଖାରାଣୀ ଦାସ। ଗଙ୍ଗା ମନ୍ଦିର ଉ.ପ୍ରା. ବିଦ୍ୟାଳୟରୁ ବାଲ୍ୟଶିକ୍ଷା ଆରମ୍ଭ ପରେ କଟକର ଐତିହାସିକ ଶିକ୍ଷା କେନ୍ଦ୍ର ଭକ୍ତମଧୁ ବିଦ୍ୟାପୀଠରୁ ମାଟ୍ରିକ ପାଶ କରି ସାରିବା ପରେ ୧୯୮୪ ମସିହାରେ ଓଡ଼ିଶା ସରକାରଙ୍କ ଗୃହରକ୍ଷୀ ବିଭାଗରେ ଯୋଗ ଦେଇଥିଲେ। ବୃତ୍ତିରେ ଗୃହରକ୍ଷୀ ହେଲେ ମଧ ରୁଚି କିନ୍ତୁ ସାହିତ୍ୟ ଓ ସାମ୍ବାଦିକତା ତାଙ୍କର ନିଶା ଓ ଜୀବନ କହିଲେ ଅତ୍ୟୁକ୍ତି ହେବନାହିଁ। ସାମ୍ବାଦିକ ଭାବରେ ତାଙ୍କର ପ୍ରବେଶ ହୁଏ ବସନ୍ତ ପାଣିଗ୍ରାହୀଙ୍କ ସମ୍ପାଦନାରେ ବାଲେଶ୍ୱର ଜିଲ୍ଲାରୁ ପ୍ରକାଶ ପାଉଥିବା 'ଲାଇଟ୍' ସମ୍ବାଦପତ୍ରରୁ । ସେ ବିଭିନ୍ନ ଭାଷାର ପତ୍ରପତ୍ରିକା ପଢ଼ିବା ସହ ଏଥିରେ କୁଇଜ, ପ୍ରାପ୍ତପତ୍ର ବିଭିନ୍ନ ପ୍ରକାର ସ୍ତମ୍ଭ, କବିତା, ବ୍ୟଙ୍ଗ, ସମାଲୋଚନା ଲେଖିବା ସହ ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶ କରିବାରେ ସର୍ବଦା ବ୍ୟଗ୍ର ଓ ତତ୍ପର। ଜଣେ ମୁକ୍ତ ବୃତ୍ତି ସାମ୍ବାଦିକ ଓ ସ୍ତମ୍ଭକାର ଭାବେ ଯିଏ ତାଙ୍କର ଲେଖା ପଢିଛି ସେ ନିଶ୍ଚିତ ସ୍ୱୀକାର କରିବ ଯେ, ଶ୍ରୀ ଦାସ ହେଉଛନ୍ତି ନିଆରା ପ୍ରତିଭା। ତାଙ୍କର ନିର୍ଭୀକ ଲେଖନୀ ଚାଳନା ତାଙ୍କର ସାହସିକତା ଦୃଢମନାର ମାପକାଠି ଅଟେ। ସେ ଗୌରବ, ଅଭିପ୍ସା, ଜାଡ଼ି ମଙ୍ଗଳା ସାହିତ୍ୟ ସଂସଦ, ଉତ୍କଳ ଗ୍ରାମ ସ୍ୱରାଜ, ଫକୀର ମୋହନ ସାହିତ୍ୟ ସଂସଦ, ଆମ ସାଥିରେ, ଆମ ପରିବାର, ମର୍ଣ୍ଣିଙ୍ଗମିଟ୍, ସାଥୀ ଓଡ଼ିଶା, ଜାଗ୍ରତ ଜନଶକ୍ତି, ବିଶ୍ୱ କଲ୍ୟାଣ ପାଠଚକ୍ର, ଆରାଧା କଲଚରାଲ ଏକାଡେମୀ ଫୁଲନଖରା, ଓଡ଼ିଶା ପ୍ରତିଭା ପୂଜା ସଂସଦ ପ୍ରଭୃତି ସାରସ୍ୱତ ଓ ସାଂସ୍କୃତିକ ଅନୁଷ୍ଠାନ ସହ ଓତପ୍ରୋତ ଭାବେ ଜଡ଼ିତ। ଦୁର୍ମୁଖ, କଜଳପତା ଭଦ୍ରଲୋକ, ସତ୍ୟ ଅପରାଧ କାହାଣୀ, ସତ୍ୟ ଅର୍ଦ୍ଧ ସତ୍ୟ କଥା, ମନୋରଞ୍ଜନ କାହାଣୀ, ଖୋଲାଦ୍ୱାର, ଗୋଲମାଲ, ନ୍ୟାୟବତୀ, କ୍ଷେପଣାସ୍ତ୍ର, ପ୍ରଳୟ, ସାମ୍ବାଦିକ, ସମାଜତନ୍ତ୍ର, ଜୟଦେବ ନିଉଜ, ଲିଭ୍ ଲାଇଭ ଓଡ଼ିଆ, ବସୁଧା ମିଡ଼ିଆ, ତ୍ରିଦେବ ପ୍ରଭୃତିରେ ତାଙ୍କର ଅମର ସ୍ୱାକ୍ଷର ଓ ସ୍ୱାକ୍ଷର ଏବେବି ଅମ୍ଲାନ ଅମୃତ ମହନୀୟ ସ୍ମୃତି ବହନ କରେ। ଅନେକ ସାରସ୍ୱତ ସ୍ରଷ୍ଟା ତାଙ୍କର ଉଦ୍ୟମରେ ଲୋକ ଲୋଚନକୁ ଆସି ଆଜି ପ୍ରତିଷ୍ଠିତ ହୋଇପାରିଛନ୍ତି। ତାଙ୍କ ଲେଖନୀ ଗୁଡିକ ଖୁବ୍ ଉଚ୍ଚ ମାନର ଓ ଶିକ୍ଷଣୀୟ। ସେଣ୍ଟ ଜୋନ ଆମ୍ବୁଲାନ୍ସ, ଗୋଲମାଲ, ସାଥି ଓଡ଼ିଶା, ସରସ୍ୱତୀ କଳା ପରିଷଦ କନ୍ଦରପୁର, ଟାଇଡିଙ୍ଗସ, ଗଣିଆ ଉନ୍ନୟନ ପରିଷଦ, ଜାଡି ମଙ୍ଗଳା ସାହିତ୍ୟ ସଂସଦ, ଆରାଧା କଲଚରାଲ ଏକାଡେମୀ, କୁସୁମ ଟିଭି, ସମ୍ଭବ ଚାରିଟେବବୁଲ ଟ୍ରଷ୍ଟ ବିତର୍କ, ତତଲା ଛତ, କଟକ ସୁରକ୍ଷା, ଉଫ ଫାଉଣ୍ଡେସନ ପ୍ରଭୃତି ସାରସ୍ୱତ ଓ ସାମାଜିକ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ ଓ ପୁରସ୍କୃତ ହୋଇଛନ୍ତି। ଏତଦ୍ ବ୍ୟତୀତ ସେ ଜଣେ ଉଚ୍ଚକୋଟୀର କଳାକାର ଭାବରେ ବେଶ୍ ଜନାଦୃତ ବା ଲୋକପ୍ରିୟ। ଦୂରଦର୍ଶନର ଧାରାବାହିକ ତୁଳସୀ, ଅନ୍ଧାରୀ ମୁଲକରେ ସହ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିବା ସହ ଅଭିନୟ ମଧ କରିଛନ୍ତି। ତାଙ୍କର ରଚନା ଓ ନିର୍ଦ୍ଦେଶନାରେ ରାଜୁ ଶାଗବାଲା, ନନା ତମର ଖସିଲା, ଧରମ ଭାଇର ଧାରୁଆ ଛୁରୀ, ଯାହା ପାଖରେ ଧନ ଝିଅ ତାଙ୍କୁ ଦିଅନ୍ତି ମନ, ପ୍ରଭୁ ମହିମା ୟୁଟ୍ୟୁବ ଦର୍ଶକଙ୍କୁ ଆକୃଷ୍ଟ କରିଛି। ସର୍ବସାଧାରଣରେ ପିକେ ଭାବରେ ପରିଚିତ ଏହି ପ୍ରତିଭାଟି ସର୍ବଦା କର୍ମ ତତ୍ପର ଚଳଚଞ୍ଚଳ ହୋଇ ନିଜର ଲକ୍ଷ୍ୟ ପଥରେ ସର୍ବଦା କର୍ମ ତତ୍ପର। ସବୁ ସ୍ତରରେ ଏହିପରି ଏକ ବହୁମୁଖୀ ପ୍ରତିଭା ପ୍ରତିଭାର ବିକାଶ ନିମନ୍ତେ ସତତ ଉଦ୍ୟମ ହେବା ଆବଶ୍ୟକ ତାଙ୍କୁ ଉତ୍ସାହିତ କରାଯିବା ଜରୁରୀ। ଏହି ମହତ୍ ମାନବବାଦୀ ଅନନ୍ୟ ପ୍ରତିଭାଧର ଉଚ୍ଚାଙ୍ଗ ଚିନ୍ତା ଚେତନାରେ ପରିବ୍ୟାପ୍ତ ବହୁମୁଖୀ ପ୍ରତିଭାଙ୍କ ଦୀର୍ଘ ନିରାମୟ ଜୀବନ କାମନା କରିବା ସହିତ ତାଙ୍କ ଜୀବନୀ ସାଧନା ଆଉ ସମାଜ ନୂତନ ପୀଢ଼ି ଉପରେ ପ୍ରତିଫଳିତ ହେଉ ଏତିକି ଆଶାବାଦୀ।

**ପ୍ରସ୍ତୁତି-ଇଂ ଶ୍ରୀକାନ୍ତ ବେହୁରିଆ**












## ଏହି ସପ୍ତାହ, ସେହି ବର୍ଷ (ଏପ୍ରିଲ୍ ୫-୧୧)

### ଏଇ ସପ୍ତାହ

ଏପ୍ରିଲ୍ ୫, ୧୯୩୦- ନିଜର ଅନୁଗାମୀମାନଙ୍କ ସହିତ ଲବଣ କାନୁନ ଭାଙ୍ଗିବାକୁ ମହାତ୍ମା ଗାନ୍ଧୀ ଦାଣ୍ଡି ପହଞ୍ଚିଥିଲେ।



ଏପ୍ରିଲ୍ ୬, ୧୯୮୦-ଭାରତୀୟ ଜନତା ପାର୍ଟିର ସ୍ଥାପନା ହୋଇଥିଲା।




ଏପ୍ରିଲ୍ ୭, ୧୯୬୯- ଆମେରିକା ସେନାର ଏକ ପରିଯୋଜନା ଅନ୍ତର୍ଗତ ଇଣ୍ଟରନେଟ୍‌ର ଜନ୍ମ ହୋଇଥିଲା।





ଏପ୍ରିଲ୍ ୮, ୧୯୧୨- ନୀଳ ନଦୀରେ ଜାହାଜଗୁଡ଼ିକ ମଧ୍ୟରେ ହୋଇଥିବା ଟକ୍କର ଯୋଗୁ ୨୦୦ରୁ ଅଧିକ ଲୋକ ମୃତ୍ୟୁବରଣ କରିଥିଲେ।




ଏପ୍ରିଲ୍ ୯, ୧୯୬୫- ଭାରତ-ପାକିସ୍ତାନ ମଧ୍ୟରେ କଚ୍ଛ ଠାରେ ଯୁଦ୍ଧ ଆରମ୍ଭ ହୋଇଥିଲା।



ଏପ୍ରିଲ୍ ୧୦, ୧୯୧୨- ଟାଇଟାନିକ୍ ବ୍ରିଟେନ୍‌ର ସାଉଥାମ୍ପଟନ୍ ବନ୍ଦରରୁ ପ୍ରଥମ ଓ ଶେଷ ଯାତ୍ରା ଆରମ୍ଭ କରିଥିଲା।



ଏପ୍ରିଲ୍ ୧୧, ୧୯୧୯- ଅନ୍ତଃରାଷ୍ଟ୍ରୀୟ ଶ୍ରମ ସଂଗଠନର ସ୍ଥାପନା ହୋଇଥିଲା।






# ମାଇଲ ଖୁଣ୍ଟ

ନାଟ୍ୟସାରଥି ଅଭୟ କୁମାର ଦାସ

**ଚାଲି ଚାଲି ହେଉ ବା ସାଇକେଲରେ, କିମ୍ବା ବାଇକରେ ହେଉ କି, କାରରେ ଗଲାବେଳେ ଆମ ଆଖିରେ ନିଶ୍ଚୟ ମାଇଲ ଖୁଣ୍ଟଟିଏ ପଡ଼ିଥିବ। ରାସ୍ତା ପାର୍ଶ୍ୱରେ ସ୍ଥାନର ଦୂରତା ଦର୍ଶାଉଥିବା ପଥର ଖୁଣ୍ଟକୁ ଆମେ ମାଇଲ ଖୁଣ୍ଟ କହିଥାଉ। ଯଦିଓ ଏହାର ଉପଯୋଗ ଯାତ୍ରୀଙ୍କୁ ସ୍ଥାନ ଓ ଦୂରତା ସଂପର୍କରେ ସୂଚନା ଦେବା, କିନ୍ତୁ ଏହାର ପ୍ରକାରଭେଦ ରହିଛି। ସାଧାରଣତଃ ଏହାର ତଳ ପାର୍ଶ୍ୱର ରଙ୍ଗ ଧଳା ହୋଇଥିବା ବେଳେ ଉପର ପାର୍ଶ୍ୱରେ ଟୋପି ଭଳି ଭିନ୍ନ ଭିନ୍ନ ରଙ୍ଗ ଲଗାଯାଇଥାଏ। ମାଟିରେ ପୋତା ଯାଇଥିବା ଏହି ପଥର ଖୁଣ୍ଟର ଉପର ପାର୍ଶ୍ୱରେ ରଙ୍ଗ ଏହାର ପ୍ରକାର ଏବଂ ଉପଯୋଗିତା ସଂପର୍କରେ ଅବଗତ କରାଏ। ଆସନ୍ତୁ ସେ ସଂପର୍କରେ ସବିଶେଷ ଜାଣିବା।**

**ହଳଦିଆ ପଟା ପଥର :** ମଥା ଉପରେ ହଳଦିଆ ରଙ୍ଗ ବୋଳାଯାଇଥିବା ଏ ପଥର କେବଳ ଜାତୀୟ ରାଜପଥରେ ଦେଖିବାକୁ ମିଳେ। ଏହା ଦେଶର ସବୁଠୁ ବଡ଼ ଓ ଲମ୍ବା ପଥର ପରିଚୟ।

**ସବୁଜ - ପଟା ପଥର :** ଉର୍ଦ୍ଧ୍ୱାଂଶରେ ସବୁଜ ରଙ୍ଗ ମଖା ଯାଇଥିବା ଏ ଧରଣର ପଥର ରାଜ୍ୟ ରାଜପଥରେ ଲଗାଯାଏ। ଏହା ରାଜ୍ୟ ମଧ୍ୟରେ ଥିବା ନଗର ଓ ଛୋଟ ସହର ଗୁଡ଼ିକୁ ସଂଯୋଗ କରେ।

**ନାରଙ୍ଗୀ-ପଟା ପଥର :** ଉପର ପାର୍ଶ୍ୱରେ ନାରଙ୍ଗୀ ରଙ୍ଗ ଦିଆଯାଇଥିବା ଏ ପଥର ଗାଁ ସଡ଼କ ପଥରେ ବସାଯାଇଥାଏ। ଏହା ଗାଁକୁ ସହର ଓ ନଗର ସହିତ ସଂଯୁକ୍ତ କରେ।



**କଳା-ପଟା ପଥର :** ଚୂଳ ଉପରେ କଳା ରଙ୍ଗ ଲଗାଯାଇଥିବା ଏ ପ୍ରକାର ପଥର ସହର ମଧ୍ୟସ୍ଥ ସଡ଼କରେ ଲାଗେ। ଏହା ସହରର ବିଭିନ୍ନ ପ୍ରାନ୍ତ ମଧ୍ୟରେ ଥିବା ଦୂରତ୍ୱ ସୂଚାଏ।

**ଲାଲ-ପଟା ପଥର :** ଏ ଲାଲ ମୁଣ୍ଡିଆ ପଥର ରେଳଧାରଣା ପାର୍ଶ୍ୱରେ ଲଗାଯାଏ। ଏହା ରେଳପଥର ଦୂରତ୍ୱ ଓ କିଲୋମିଟରର ସମ୍ବନ୍ଧରେ ସୂଚନା ଦିଏ।

**ଖଇରିଆ-ପଟା ପଥର :** ମଥାରେ ଖଇରିଆ ରଙ୍ଗ ଲାଗିଥିବା ଏ ପଥର ସାମୁଦ୍ରିକ ବନ୍ଦର ପଥରେ ଲଗାଯାଏ। ଏହା ଜାହାଜ ଓ ବାଣିଜ୍ୟିକ ପଥ ସମ୍ବନ୍ଧରେ ପରିଚୟ ଦିଏ।

**ନୀଳ-ପଟା ପଥର :** ଉପର ଭାଗରେ ନୀଳ ରଙ୍ଗ ଦିଆଯାଇଥିବା ଏ ପଥର ବିମାନ ବନ୍ଦର ରାସ୍ତାରେ ଲଗାଯାଏ। ଏହାକୁ ଦେଖିଲେ ବୁଝାପଡ଼େ କି, ବିମାନ ବନ୍ଦର ନିକଟରେ ଅଛି।

**ଧୂସର-ପଟା ପଥର :** ଚୂଡ଼ାରେ ଧୂସର ରଙ୍ଗ ଲଗାଯାଇଥିବା ଏପଥର ସେତୁ ଓ ଫ୍ଲାଏଭଓର ପାଖରେ ଲଗାଯାଏ। ଏହା ସେତୁର ଦୂରତ୍ୱ ଓ ଦିଗ ଦର୍ଶାଏ। ସୁତରାଂ ପଥପାର୍ଶ୍ୱରେ ପୋତା ଯାଇଥିବା ମାଇଲଖୁଣ୍ଡ ମଣ୍ଡିରେ ବୋଳାଯାଇଥିବା ରଙ୍ଗରେ ନିହିତ ଥାଏ ଉପରୋକ୍ତ ଗହନ କଥା।



ଆଖପାଖ ହେଉ ବା ଦୂରସ୍ଥାନ ଗନ୍ତବ୍ୟ କ୍ଷେତ୍ର ପାଇଁ ମାଇଲ ଖୁଣ୍ଟର ସୂଚନା ଗୁରୁତ୍ୱପୂର୍ଣ୍ଣ କେବଳ ଭୂମିକା ନିର୍ବାହ କରି ନଥାଏ ବରଂ ଅତ୍ୟାବଶ୍ୟକ ଖବର ଏଥିରୁ ଜଣାଯାଇଥାଏ। ପ୍ରାୟତଃ ଦେଖାଯାଇଥାଏ ଅନେକ ସମୟରେ ସଡ଼କ ଦୁର୍ଘଟଣା ସଂଗଠିତ ହୋଇଥାଏ ଏହି ମାଇଲ ଖୁଣ୍ଟର ଭ୍ରମାତ୍ମକ ସୂଚନା ବା ମାଇଲ ଖୁଣ୍ଟ ନଥିବା କାରଣରୁ। ଏବେ ସରକାରୀ ବ୍ୟବସ୍ଥା ବ୍ୟତୀତ ଅନେକ ବେସରକାରୀ ସଂଗଠନମାନେ ଏହି ମାଇଲ ଖୁଣ୍ଟ ରାସ୍ତାରେ ସୂଚୀତ କରି ଲୋକମାନଙ୍କୁ ନିରାପଦର ସୂଚନା ଦେବା ସହ ସେମାନଙ୍କ ବ୍ୟବସାୟ ସାମଗ୍ରୀର ବିଜ୍ଞପିତ କରିବାର ଏକ ପ୍ରକାର କ୍ଷେତ୍ର ପାଉଛନ୍ତି। ତେବେ ମାଇଲ ଖୁଣ୍ଟକୁ ଗୁରୁତ୍ୱପୂର୍ଣ୍ଣ ସୂଚନା ଭାବେ ଗ୍ରହଣ କରି ଯାତ୍ରା କଲେ ଆପଣଙ୍କର ଯାତ୍ରାପଥ ନିଶ୍ଚିନ୍ତ ଭାବେ ମଙ୍ଗଳମୟ ହେବ।

**ଗୋତରା, ମାହାଙ୍ଗା, କଟକ, ଦୂରଭାଷ : ୯୪୩୭୧୪୨୭୧୭**



# ଜନନୀ ମାତୃତ୍ୱ ଛୁଟି

## ‘ବାତ୍ସଲ୍ୟ ମମତା ଘେନି ଭାଳୁଛନ୍ତି ମାତ, ମୋ କଳା ମାଣିକରେ..’



**ନିବେଦିତା ଶୁକ୍ଳା**

ଭାରତର ସର୍ବୋଚ୍ଚ ଅଦାଲତ ଜନନୀ ମାତୃତ୍ୱ ଛୁଟି ବା ମାଟରନଟି ଲିଭ୍ କ୍ଷେତ୍ରରେ ଏକ ଐତିହାସିକ ରାୟ ପ୍ରଦାନ କରିଛନ୍ତି। ଐତିହାସିକ ରାୟ କୁହାଯାଉଥିବା ଏ ମାମଲାଟି ହେଉଛି ଏଯାବତ୍ ବଳବତ୍ତର ଥିବା କୋଡ୍ ଅନ୍ ସୋସିଆଲ ସିକ୍ୟୁରିଟି - ୨୦୨୦ ଅନ୍ତର୍ଗତ ଏକ ବ୍ୟବସ୍ଥାକୁ ଅସିଦ୍ଧ ଘୋଷଣା କରିଦେଇଛନ୍ତି ଯାହା ଅନୁସାରେ ତିନିମାସରୁ ଉର୍ଦ୍ଧ୍ୱ ବୟସର ଶିଶୁକୁ ପୋଷ୍ୟ ସନ୍ତାନ ରୂପେ ଗ୍ରହଣ କରୁଥିବା ଜଣେ ଜନନୀ ମାତୃତ୍ୱ ଛୁଟି ପାଇବା ନିମିତ୍ତ ଅଯୋଗ୍ୟା ବିବେଚିତ ହେଉଥିଲେ। ବର୍ତ୍ତମାନ ଅସିଦ୍ଧ ଘୋଷିତ ହୋଇଥିବା ଆଇନରେ ପୋଷ୍ୟ ସନ୍ତାନ ଗ୍ରହଣ କ୍ଷେତ୍ରରେ ମାତୃତ୍ୱ ଛୁଟିକୁ ସନ୍ତାନର ସର୍ବୋଚ୍ଚ ତିନି ମାସର ବୟସ ସୀମା ସହିତ ସଂଯୁକ୍ତ କରାଯାଉଥିବାବେଳେ ଯାହା ଦେଖିବାକୁ ମିଳିଥାଏ ତାହାହେଲେ ଶିଶୁଟିଏ ପୋଷ୍ୟ ସନ୍ତାନ ରୂପେ ଅନ୍ୟ ଏକ ନାରୀଙ୍କର କୋଳରେ ପ୍ରବେଶ କଲାବେଳକୁ ତାର ବୟସ ତିନିମାସରୁ ଅଧିକ ହୋଇଥାଏ। ଏଭଳି ପୋଷ୍ୟ ସନ୍ତାନର ଯତ୍ନ ଓ ସାମଗ୍ରୀକ ଆବଶ୍ୟକତାକୁ ପୂରଣ ନିମିତ୍ତ ପୋଷ୍ୟ ଜନନୀକୁ ଅଧିକ ଶକ୍ତି ଓ ସମୟ ଦରକାର ପଡୁଥିଲେ ହେଁ ପୂର୍ବର ନିୟମ ଅନୁସାରେ ସେଥିପାଇଁ ତାଙ୍କୁ ଆଦୌ ମାତୃତ୍ୱ ଛୁଟି ମିଳିପାରୁ ନଥିଲା। ଏଠାରେ ସୂଚାଇ ଦେଇପାରୁକି ଯେଉଁଠି ପରିତ୍ୟକ୍ତ କିମ୍ବା କୌଣସି ଆଶ୍ରୟ ଗୃହରେ ରହୁଥିବା ଅଧିକ ବୟସର ଶିଶୁମାନଙ୍କୁ ପୋଷ୍ୟ ସନ୍ତାନ ରୂପେ ଗ୍ରହଣ କରାଯାଇଥାଏ ସେଭଳି ଶିଶୁମାନଙ୍କ ମନସ୍ତତ୍ୱ ଏପରି ହୋଇଥାଏ ଯେ ସେମାନଙ୍କ ଠାରେ ବିଶ୍ୱାସ, ମନସ୍ତାତ୍ତ୍ୱିକ ନିରାପତ୍ତା ଜନ୍ମାଇବା ପାଇଁ ଓ ସେମାନଙ୍କୁ ଆବେଗିକ ସମ୍ପର୍କ ପ୍ରତିଷ୍ଠା କରିବା ନିମିତ୍ତ ପ୍ରବର୍ତ୍ତାଇବା ପାଇଁ ପୌଷ୍ୟ ପିତାମାତାଙ୍କୁ ଦୀର୍ଘ ଓ କଠିନ ପରିଶ୍ରମ କରିବାକୁ ପଡ଼ିଥାଏ।






ଏହା ସର୍ବଜନ ସ୍ୱୀକୃତ ସମାଜର ମୂଳ ଆଧାର ହେଉଛନ୍ତି ନାରୀ, ତାଙ୍କର ସବୁଠାରୁ ଗରିମାମୟ ପରିଚୟ ହେଉଛି ଜନନୀ। ଜଣେ ନାରୀ ଯେତେବେଳେ ମାତୃତ୍ୱର ପବିତ୍ର ଅବସ୍ଥାରେ ପ୍ରବେଶ କରନ୍ତି ସେତେବେଳେ ସେ ନିଜ ଜୀବନର ସର୍ବାଧିକ ଦାୟିତ୍ୱଶୀଳ ଅଧ୍ୟାୟକୁ ଆରମ୍ଭ କରନ୍ତି। ମାତୃତ୍ୱ କେବଳ ଜନ୍ମ ଦେବାରେ ସୀମିତ ନୁହେଁ ବରଂ ଏହା ଏକ ନୂତନ ଜୀବନକୁ ଗଢ଼ିବାରେ ମହାନ କାର୍ଯ୍ୟ ନିର୍ବାହ କରିଥାଏ। ମାତୃତ୍ୱ ଛୁଟି ଜଣେ କର୍ତ୍ତବ୍ୟରତ ମହିଳାଙ୍କ ପାଇଁ ଏକ ମୂଳ ଆଧାର। ଗର୍ଭାବସ୍ଥାରୁ ଆରମ୍ଭ କରି ଶିଶୁଟିକୁ ଭୂମିଷ୍ଠ କରାଇ ସଯତ୍ନ ନିମିତ୍ତ ଜଣେ ମାଆଙ୍କୁ ବହୁତ ଶାରୀରିକ ଓ ମାନସିକ ପରିବର୍ତ୍ତନ ସହିବାକୁ ପଡ଼େ। ଏହି ସମୟରେ ସେମାନଙ୍କୁ ବିଶ୍ରାମ, ପୋଷଣ ଓ ଏକ ସକାରାତ୍ମକ ପରିବେଶ ଦରକାର। ଏହି ମାତୃତ୍ୱ ଛୁଟି ହିଁ ସମସ୍ତ ଆବଶ୍ୟକତା ପୂରଣରେ ସହାୟକ କାର୍ଯ୍ୟ ତୁଲାଇ ଥାଏ। ପିଲାଟି ଜନ୍ମ ହେବାପରେ ପ୍ରାଥମିକ ଛଅ ମାସ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି ସମୟରେ ମାଆଙ୍କ ସ୍ତନ୍ୟପାନ ଶିଶୁ ପାଇଁ ସର୍ବୋତ୍ତମ ଖାଦ୍ୟ। ଏହା ଶିଶୁର ପ୍ରତିରୋଧକ ଶକ୍ତି ବଢ଼ାଇଥାଏ। ଏହି ସମୟରେ ମାଆଙ୍କ ସାନ୍ନିଧ ନବଜାତକର ଭାବନାତ୍ମକ, ସୃଜନାତ୍ମକ ଓ ମାନସିକ ଉନ୍ନତି ପାଇଁ ଅତ୍ୟନ୍ତ ଦରକାରୀ। ବର୍ତ୍ତମାନ ସମୟରେ ନାରୀମାନେ ଆଇନ ଠାରୁ ଶିକ୍ଷା, ଚିକିତ୍ସା ଠାରୁ ପ୍ରଶାସନ, ବ୍ୟବସାୟ ଠାରୁ କ୍ରୀଡ଼ା ଅନେକ କ୍ଷେତ୍ରରେ ଯଥେଷ୍ଟ ଆଗରେ କୃତୀତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରୁଛନ୍ତି। ତେଣୁ ଏପରି ସମୟରେ ମାତୃତ୍ୱ ଛୁଟି ସେମାନଙ୍କୁ ଦୁଇଟି ଭୂମିକା ମଧ୍ୟରେ ସମନ୍ୱୟ ରଖିବାରେ ସହାୟତା କରିଥାଏ। ମାତୃତ୍ୱ ଛୁଟି ଭାରତରେ ଆଇନଗତ ଭାବେ ସ୍ୱୀକୃତି ମିଳିଛି। ସରକାର କାର୍ଯ୍ୟରତ ମହିଳାମାନଙ୍କ ପାଇଁ ଛୁଟି ସମୟ ବଢ଼ାଇଛନ୍ତି। ଯାହା ନାରୀଙ୍କ ସ୍ୱାସ୍ଥ୍ୟ ଓ ଶିଶୁର ଉତ୍ତମ ଭବିଷ୍ୟତ ପାଇଁ ଉପକାରୀ। ମାତୃତ୍ୱ ଛୁଟି ସମାଜର ଉନ୍ନତିପାଇଁ ଗୁରୁତ୍ୱ ରଖିଥାଏ।

ନିକଟରେ ସୁପ୍ରିମକୋର୍ଟଙ୍କ ରାୟକୁ ଅନୁଧ୍ୟାନ କଲାବେଳେ ଆମେ ଗୋଟିଏ ଦିଗ ପ୍ରତି ଯାହା ଅନୁଭବ କଲୁ ଉଲ୍ଲେଖ କରୁଛି। ଅନେକ କ୍ଷେତ୍ରରେ ଦେଖାଯାଏ ପୋଷ୍ୟ ସନ୍ତାନ ଗ୍ରହଣ କରୁଥିବା ମାଆମାନଙ୍କୁ ବର୍ତ୍ତମାନର ସମାଜରେ ଯେଉଁ ବିଶେଷ ଧରଣର ଆହ୍ୱାନ ମାନଙ୍କର ସମ୍ମୁଖୀନ ହେବାକୁ ପଡ଼ିଥାଏ ସେଥି ଭିତରୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ଜଟିଳ ଆଇନଗତ ପ୍ରକ୍ରିୟା ଓ ସାମାଜିକ ଭୃକୁଞ୍ଚନ। ଏଭଳି କ୍ଷେତ୍ରରେ ଜଣେ ମାଆ ଯଥେଷ୍ଟ ମାତୃତ୍ୱ ଛୁଟି ପାଇବା ଦ୍ୱାରା ବୃତ୍ତିଗତ ଓ ପାରିବାରିକ ଦାୟିତ୍ୱ ସୁଚାରୁରୂପେ ସମାନ ଭାବେ ସର୍ବନିମ୍ନ ସୁବିଧା ଭିତରେ ସାକାର କରିପାରିବ। ମାନ୍ୟବର ସୁପ୍ରିମକୋର୍ଟଙ୍କର ଏହି ଐତିହାସିକ ରାୟ ସେମାନଙ୍କୁ ଏହି ସୁବିଧା ଯୋଗାଇବା ନିମିତ୍ତ ଉଦ୍ଦିଷ୍ଟ ହୋଇଥିଲେ ହେଁ ଏହାର ପ୍ରତୀକାତ୍ମକ ତାତ୍ପର୍ଯ୍ୟ ଢ଼େର ହୋଇଥାଏ। ଏହା ମାତୃତ୍ୱର ଆଧାର ରୂପେ ପୋଷ୍ୟ ସନ୍ତାନ ଗ୍ରହଣକୁ ପ୍ରସବ ଭଳି ଏକ ଜୈବିକ ପ୍ରକ୍ରିୟା ସହିତ ସମାନ ଆଇନଗତ ମର୍ଯ୍ୟାଦା ପ୍ରଦାନ କରିଥାଏ। ମାନ୍ୟବର ସୁପ୍ରିମକୋର୍ଟଙ୍କ ଏହି ଐତିହାସିକ ରାୟ ଭାରତରେ ଏଯାବତ୍ ପୋଷ୍ୟ ସନ୍ତାନକୁ ନେଇ ରହି ଆସିଥିବା କିଛି ରୁଢ଼ୀବାଦ ଚିନ୍ତାଧାରା ବିଲୋପ ହେବାସହ ପୋଷ୍ୟ ସନ୍ତାନ ଗ୍ରହଣକୁ ବରଂ ଉତ୍ସାହିତ ଓ ପ୍ରେରଣା ଯୋଗାଇବ। ଏଠାରେ ଆମେ ସମସ୍ତେ ମନେ ରଖିବା ଉଚିତ ଯେ ଦେଶର ଅନେକ ଅପରିଚିତ ଅସହାୟ ଦେବଶିଶୁମାନେ ପରିଚୟ ଟିକକ ପାଇଁ, ମୁଠାଏ ଦାନା ପାଇବା ପାଇଁ ଜୀବନ ଓ ଭାଗ୍ୟ ସହ ସଂଘର୍ଷ କରୁଛନ୍ତି। ମାନ୍ୟବର ଅଦାଲତଙ୍କ ଏହି ଉପଲବ୍ଧିପୂର୍ଣ୍ଣ ରାୟ ପୋଷ୍ୟ ଜନନୀ ମାନଙ୍କୁ ମାତୃତ୍ୱ ଛୁଟି ଉପଲବ୍ଧ କରି ଏକ ଯତ୍ନଶୀଳ ସୁରକ୍ଷିତ ପରିବାର ଗଢ଼ିବା ପାଇଁ ସହାୟକ ହୋଇପାରିବ। ଆଜିର ଶିଶୁଟି ଆଗାମୀ ଦିନର ଆମ ସ୍ୱର୍ଣ୍ଣିମ ସକାଳର ରଶ୍ମି। ସେହିମାନେ ହିଁ ଦେବଶିଶୁ, ସ୍ୱର୍ଣ୍ଣିମ ଭବିଷ୍ୟତ। ଏହି ଆଲେଖ୍ୟଟି ପ୍ରସ୍ତୁତ କଲାବେଳକୁ ଓଡ଼ିଶାର ଜନୈକ ଲୋକପ୍ରିୟ କବି ଅଭିମନ୍ୟୁ ସାମନ୍ତ ସିଂହାରଙ୍କ ହୃଦୟସ୍ପର୍ଶୀ ଗୀତଟି ଅନ୍ତର ଭିତରୁ ଆସିଯାଉଛି - ‘ଧିରେ ଘେନ କାନନରେ କୃଷ୍ଣ ବିଳମ୍ବିତ, ବାତ୍ସଲ୍ୟ ମମତା ଘେନି ଭାଳୁଛନ୍ତି ମାତ, ମୋ କଳା ମାଣିକରେ..’।

**ଆଇନଜୀବୀ, ଓଡ଼ିଶା ହାଇକୋର୍ଟ,**
**ଚହଟା ନଗର, ଲେନ୍-୬, କଟକ-୧୪,**
**ଦୂରଭାଷ : ୭୦୦୮୪୭୮୯୮୬**
E-mail : nibeditabehera08021985@gmail.com

ଅପେରା ଆଇଟମ୍
ଶ୍ରୀଗୋବିନ୍ଦ

## ରଙ୍ଗମଞ୍ଚ ଡ଼ାକେ ଆ...ଆ...

# ମୋ ପରୀକ୍ଷା ପୂର୍ବଦିନ ବି ଫିଲ୍ମ ଦେଖିବାକୁ ଯାଇଛ

**ନିର୍ଦ୍ଦେଶକ ସୀତାକାନ୍ତ ମହାନ୍ତି**



ନାଟକ ପାଇଁ ମୁଁ ମୋ ମାଆବାପାଙ୍କ ସ୍ୱପ୍ନ ଧୂଳିସାତ କରିଦେଇଛି। ମୋ ଘରର ଆର୍ଥିକ ଅବସ୍ଥା ସେମିତି ଖରାପ ନଥିଲା। ଯେତେ ଟଙ୍କା ଖର୍ଚ୍ଚ ହେଉ ବରଂ ସେମାନେ ମୋ କ୍ୟାରିୟର ପ୍ରତି ଧ୍ୟାନ ଦେଉଥିଲେ। ସେମାନେ ଭାବୁଥିଲେ ମୁଁ ଡାକ୍ତର କି ଇଞ୍ଜିନିୟର ହୁଏ, ମୁଁ କିନ୍ତୁ ନାଟକ ପଛରେ ଗୋଡ଼ାଉଥିଲି। କିଭଳି ଭଲ ଭାବରେ ଆକ୍ଟି କରିପାରିବି, ଭେଟେରାନ୍ କଳାକାରଙ୍କ ଫିଲ୍ମ ଓ ନାଟକ ଦେଖି ନିରୋଳାରେ ଅଭ୍ୟାସ କରୁଥିଲି। ମୋ ସାଙ୍ଗମାନେ ପାଠ ପଢୁଥିବାବେଳେ ମୁଁ ଏଭଳିକି ମୋ ପରୀକ୍ଷା ପୂର୍ବଦିନ ବି ଫିଲ୍ମ ଦେଖିବାକୁ ଯାଇଛି। ଭଦ୍ରକ କଲେଜରେ ପାଠ ପଢ଼ିବାବେଳେ ମୁଁ ଅଧିକାଂଶ ସମୟ ଫିଲ୍ମ ଓ ଯାତ୍ରା ଦେଖିବାରେ ସାରିଛି। ପିଲାମାନେ ବହି ଧରି ବସିଥିବାବେଳେ ମୁଁ ଫିଲ୍ମ ହଲ୍‌ରେ ଯାଇ ସମୟ ସାରି ଫିଲ୍ମ ଦେଖିଛି। କେହି ନଥିବାବେଳେ ମୁଁ ମେସ୍‌ର ଅଭ୍ୟାସ କରେ। ପିଲାମାନେ ମୋର ଏହି ଅଭ୍ୟାସ ଦେଖି ହସନ୍ତି। ପାଠପଢ଼ା ଥିବା କାରଣରୁ ଦିନରେ ମଧ୍ୟ ସମୟ ପାଉନାହିଁ। ସିନେମାରେ ଆକ୍ଟିଂ ଶିଖିବା ପାଇଁ ରାତି ଅଧରେ ସାଳନ୍ଦୀର ନଈବାଲିରେ ଯାଇ ହସ ପ୍ରାକ୍ଟିସ୍ କରେ। ସେଥିପାଇଁ ରାତିରେ ଚିତ୍କାର କରି ହସ ପ୍ରାକ୍ଟିସ୍ କରେ, କିଭଳି ଭଲ ଆକ୍ଟିଂ କରିପାରିବି। ରାତି ଅଧରେ ମୋର ଚିତ୍କାର ଶୁଣି ପାଖଆଖ ଲୋକଙ୍କ ମନରେ ଭୂତ ଭୟ ଖେଳିଯାଏ। ଲୋକେ ଭାବନ୍ତି, ଭୂତ କି ଅତୃପ୍ତ ଆତ୍ମା ରାତି ଅଧରେ ସାଳନ୍ଦୀ ନଈକୂଳରେ ଏଭଳି ଚିତ୍କାର କରେ। କେହି କେହି ଏହି ଚିତ୍କାରକୁ ନେଇ ଅନେକ ମନଗଢ଼ା କାହାଣୀ ବି ତିଆରି କରନ୍ତି। କାହାର ମୃତ୍ୟୁ କି ଅପମୃତ୍ୟୁର କାହାଣୀ ଓ ମୋ ଚିତ୍କାରକୁ ନେଇ ଅନେକ ଭୌତିକ କାହାଣୀ ଭଦ୍ରକ କଲେଜ ଆଖପାଖରେ ବୁଲେ। ଏମିତି ବି ଥରେ କି ଦୁଇଥର ମୋତେ ଭୂତ ବୋଲି ଭାବି ଲୋକମାନେ ଆସି ମୋତେ ସାଳନ୍ଦୀ ନଈବାଲିରେ ଗୋଡ଼ାଇଛନ୍ତି। ମୋର ଶିଖିବାର ମନୋବୃତ୍ତି ପିଲାଟି ବେଳୁ ଥିଲା ବୋଲି ଆଜି ମୁଁ ଭଗବାନଙ୍କ ଦୟାରୁ ଗୋଟେ ଜାଗାରେ ପହଞ୍ଚି ପାରିଛି। ମୁଁ ଯେଉଁ ଜାଗାରେ ପହଞ୍ଚି ପାରିଛି, ମୁଁ ନିଜେ ନିଜ ଶିଙ୍ଗର ମାଟି ତାଡ଼ି ପହଞ୍ଚି ପାରିଛି। ମୁଁ କହିବି ଯେ ଏଥିରୁ ମଧ୍ୟ ଅନେକ କିଛି ପାଇଛି। ଅଭିନୟରେ କି ନିର୍ଦ୍ଦେଶନାରେ ଥରେ ତାଳି ବାଜିଗଲେ ଯେଉଁ ସନ୍ତୁଷ୍ଟି ମିଳେ, ସେଇଠି ପାଞ୍ଚ ଲକ୍ଷ ଦେଲେ ବି ସେହି ସନ୍ତୁଷ୍ଟି ମିଳେ ନାହିଁ। ଦର୍ଶକମାନଙ୍କର ଯେଉଁ ପ୍ରଶଂସା ତାହାର କିଛି ମୂଲ୍ୟ ଆକଳନ କରିହେବନାହିଁ। ସେତିକିରେ ମୁଁ ଆଜି ପର୍ଯ୍ୟନ୍ତ ସନ୍ତୁଷ୍ଟ ହୋଇଛି ଓ ମୁଁ ଜୀବନରେ ସେହି ଅର୍ଜନକୁ ନେଇ ବଞ୍ଚିଛି। ମୁଁ ଯେତେବେଳେ ନିର୍ଦ୍ଦେଶନା ପାଇଁ ଆସିଲି, ସେତେବେଳର ଅନେକ ବରିଷ୍ଠ ନିର୍ଦ୍ଦେଶକମାନେ ହତୋତ୍ସାହ କରିଛନ୍ତି। ଅନେକ ତାଚ୍ଛଲ୍ୟ କରିବା ସହ ଏ ଲାଇନକୁ ନଆସିବାକୁ ମନା କରିଛନ୍ତି। ତାହା ମଧ୍ୟ ମୋର ମନୋବଳ ଦୃଢ଼ କରିଛି। ସଂଗୀତର ବରେଣ୍ୟ ବ୍ୟକ୍ତିତ୍ୱ ଅକ୍ଷୟ ମହାନ୍ତି ଓ ଏନ୍‌ଏସ୍‌ଡିଆନ ଧୀରେନ ଦାସ ମୋତେ ଏତେ ଉତ୍ସାହିତ କରିଛନ୍ତି ଯେ ମୁଁ ସେତେବେଳେ ନିଜକୁ ଦୃଢ଼ କରି ଏ ଯାଏ ଆଗେଇ ଆସିଛି। ସେମାନେ କଳାର ସୂକ୍ଷ୍ମଦିଗକୁ ଜଣାଇଛନ୍ତି। ହାତ ଧରି ଆଗକୁ ଯିବାକୁ ପ୍ରେରଣା ଯୋଗାଇଛନ୍ତି। ଆଜି ବି ସେମାନଙ୍କ ପାଦ ତଳେ ପଡ଼ିଯିବା ପାଇଁ ମୋର ଇଚ୍ଛା ହୁଏ ବୋଲି କୁହନ୍ତି ବରିଷ୍ଠ ଅଭିନେତା ଓ ଭେଟେରାନ୍ ନିର୍ଦ୍ଦେଶକ ସୀତାକାନ୍ତ ମହାନ୍ତି।



‘ନିତିଦିନ’ର ରବିବାର କ୍ରୋଡ଼ପତ୍ର ‘ନଜର’କୁ ପର୍ଯ୍ୟଟନସ୍ଥଳୀ, ହସକଥା, ସୌନ୍ଦର୍ଯ୍ୟ, ରୋଷେଇ, ସିନେମା ଖବର, ସ୍ୱାସ୍ଥ୍ୟ, କ୍ୟାରିୟର ସମ୍ବନ୍ଧୀୟ ଲେଖା ପଠାଇବାକୁ ଚାହୁଁଥିଲେ, ନିମ୍ନଲିଖିତ ଠିକଣାରେ ପଠାନ୍ତୁ-
‘ନଜର’, ସଂପାଦକ, ନିତିଦିନ, ସେଡ୍ ନଂ-ଟିଏସ୍୨/୨୧୦/ଏ, ସେକ୍ଟର-ଏ, ଜୋନ୍-ବି, ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦, mail-nitidinnazar@gmail.com